# ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ କରଞ୍ଜିଆ ଗସ୍ତ

**କରଞ୍ଜିଆ, ୯ ।୨(ସମିସ)**

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଦିନିକିଆ ମୟୁରଭଞ୍ଜ ଗସ୍ତରେ ଆସି ଜିଲ୍ଲାର ସମସ୍ତ ଶାଖା କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସନ୍ଧ୍ୟା ୬ରେ ସେ କରଞ୍ଜିଆ ସୂଚନା କେନ୍ଦ୍ର ଓ ପାଠାଗାରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ ସ୍ୱାଗତ କରିଥିଲେ। ଏହାପରେ ସେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହିତ ପାଠକ ଉପସ୍ଥାନ ଦେଖିଥିଲେ। ପରେ ପ୍ରେସ୍ କ୍ଲବର କାର୍ଯ୍ୟକର୍ତ୍ତା ସେଠାରେ ପହଞ୍ଚି ଉପ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହିତ ପରିଚୟର ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକମାନେ ପାଠାଗାରରେ ଇ-ଲାଇବ୍ରେରୀ ଖୋଲିବା, ପିଇବା ପାଣିର ବ୍ୟବସ୍ଥା, ଏଲଇଡି ଲଗାଇବା ସହିତ କର୍ମଚାରୀ ଯୋଗାଇବା ଦାବି କରିଥିଲେ। ପ୍ରେସ୍ କ୍ଲବ୍‌ର ସମ୍ପାଦକ କର୍ଣ୍ଣାର୍ଜୁନ ସାହାଙ୍କ ସହିତ ମନୋଜ କୁମାର ମହାନ୍ତି, ଦୀପକ କୁମାର ମହାନ୍ତ, ଉଦିପ୍ତ କୁମାର ବେହେରା, ଭାଗବତ ଚନ୍ଦ୍ର ଦାସ, ବି ଦେବେନ୍ଦୁ ଶେଖର ବେହେରା, ତନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ପାଣି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିହାର ରଞ୍ଜନ ସେଠୀ, କରଞ୍ଜିଆ ପାଠାଗାରର ଗ୍ରନ୍ଥାଗରିକ ଅରୁଣ କୁମାର ପାଣିଗ୍ରାହୀ, ଯଶିପୁରର ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



# କର୍କଟ ରୋଗ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ

**କୁଆମରା, ୯ ।୨(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା କର୍କଟ ରୋଗର ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଟାଟା ମେମୋରିଆଲ ସେଣ୍ଟରର କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଶୁଭମ ସାମନ୍ତରାୟ, ଡକ୍ଟର ପଲ୍ଲବୀ ପାତ୍ର ଏବଂ କୁଆମରା ଡାକ୍ତରଖାନାର ଡାକ୍ତର ଶାନ୍ତନୁ କୁମାର ଜେନା ତଥା ଟାଟା ମେମୋରିଆଲ ସେଣ୍ଟରର ସହକର୍ମୀ ମାନେ ଯୋଗ ଦେଇ ମୁଖ, ସ୍ତନ ଓ ଗର୍ଭାଶୟରେ ବିଶେଷକରି କର୍କଟ ରୋଗ ଦେଖାଯାଉଥିବା ବେଳେ ତାର ନିରାକରଣ ପ୍ରସଙ୍ଗ ରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ତତ୍‌ସହିତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇ ଥିଲା। ଟାଟା ମେମୋରିଆଲ ସେଣ୍ଟର ତରଫରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇ କର୍କଟ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋନାଲିସା ପ୍ରଧାନ ପ୍ରଥମ, ଔରପ୍ରକାଶ ଦାସ ଦ୍ୱିତୀୟ ଓ ଅନାମିକା ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ସୁବଳ ଦାସ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ପ୍ରଭାତ ସେନାପତି, ଅଶ୍ୱନୀ କୁମାର ପ୍ରଧାନ, ଅବନୀ କୁମାର ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ଛତୀଶ କୁମାର ଦାସ, ବିବେକାନନ୍ଦ ଗିରି, ବିଶ୍ୱନାଥ ବେହେରା, ଗୋପୀନାଥ ପଣ୍ଡା, ଉଦିତ ମିଶ୍ର, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ, ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା, ମଧୁସ୍ମିତା ପତି, ରଶ୍ମିତା ମହାରଣା ପ୍ରମୁଖ କର୍କଟ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ।




# ଦରି ଓ ବଡ଼ଗାଁରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**କରଞ୍ଜିଆ, ୯ ।୨(ସମିସ):** କରଞ୍ଜିଆ ବ୍ଲକର ଦରି ଓ ବଡ଼ଗାଁ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଦରିରେ ବାଦଲ ମହାନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ମନମୋହନ ପୂର୍ତ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ବଳା ସରପଞ୍ଚ ସ୍ମିତା ନାଏକ, କୁଳିପୋଷି ସରପଞ୍ଚ ସୁକୁମତୀ ସର୍ଦ୍ଦାର, ସୌଦାମିନୀ ନାଏକ ଗୁରୁଚନ୍ଦ୍ର ନାଏକ, ବୀରେନ୍ଦ୍ର ନାଏକଙ୍କ ସହିତ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ। ବଡ଼ଗାଁଠାରେ ଅନୁଷ୍ଠିତ ଶିବିରକୁ ଜିପିଓ ଦେବାଶିଷ ସାହୁଙ୍କ ପରିଚାଳନା ଓ ବଡ଼ଗାଁ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ମୁଖ୍ୟଅତିଥି ଭାବେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ବଳାସରପଞ୍ଚ ସ୍ମିତା ନାଏକ, କୁଳିପୋଷି ସରପଞ୍ଚ ସୁକୁମତୀ ସର୍ଦ୍ଦାର, ସୌଦାମିନୀ ନାଏକ ଗୁରୁଚନ୍ଦ୍ର ନାଏକ, ବୀରେନ୍ଦ୍ର ନାଏକ, ସମିତି ସଭ୍ୟ ତ୍ରିଲୋଚନ ନାଏକ ଙ୍କ ସହିତ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ। ଉଭୟ ପଞ୍ଚାୟତସ୍ତରୀୟ ସଚେତନତା ମଞ୍ଚରେ ଆଦିବାସୀ ନୃତ୍ୟ ଓ ଚାଙ୍ଗୁ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏପିଓ ତୁଷାରକାନ୍ତ ସାହୁ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟିର ବୈଠକ

**ମୋରଡ଼ା/ଚିତ୍ରଡ଼ା, ୯ ।୨(ସମିସ):** ନିଖିଳ ଓଡ଼ିଶା ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟି ଓ ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶା, ମୟୂରଭଞ୍ଜ ଶାଖା ପକ୍ଷରୁ ମୋରଡା ବ୍ଲକ ଭାତ୍ ଛତର୍ ଠାରେ ଏକ ଜନସଚେତନତା ବୈଠକ ମୁଲୁକ୍ ପାର୍ଗାନା ବାବା ସୁରାଇ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପାର୍ଗାନା ବାବା ସୁନ୍ଦର ମୋହନ ସୋରେନ୍, ଜିଲ୍ଲା ପାରିନିକ ବାବା ବିରାମ୍ ସୋରେନ, ମୋରଡା, ରାସଗୋବିନ୍ଦପୁର, ଶୁଳିଆପଦା ବେତନଟୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ସାନ୍ତାଳୀ ଭାଷାକୁ ଓଡ଼ିଶାରେ ସଙ୍ଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନକରି ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାର ଭାଷା ଶିକ୍ଷକ ନିଯୁକ୍ତି ଭଳି ସାନ୍ତାଳୀ ଭାଷାର ଶିକ୍ଷକ ନିଯୁକ୍ତି ପ୍ରଦାନ କରିବା ଏବଂ ନିଯୁକ୍ତି ପାଇଥିବା ସାନ୍ତାଳୀ ଓ ମୁଣ୍ଡା ଭାଷାର ଲାଙ୍ଗୁଏଜ ଇନ୍‌ଷ୍ଟ୍ରକ୍ଟର (ଭାଷା ଶିକ୍ଷକ) ମାନଙ୍କର ଯଥାଶୀଘ୍ର ନିୟମିତ କରିବା ଏହି ଦୁଇଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପାର୍ଗାନା ମହଲ୍ ଉପଦେଷ୍ଟା ମାନତାନ୍ କାଲିୟାନ୍ ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ।



# ନାବାଳିକା ଦୁଷ୍କର୍ମକାରୀ କୋର୍ଟଚାଲାଣ

**ବେତନଟୀ, ୯ ।୨(ସମିସ):** ବେତନଟୀଥାନା ଅଞ୍ଚଳର ଜଣେ ଦଶମଶ୍ରେଣୀର ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମକରି ଗର୍ଭବତୀ କରିବା ଅଭିଯୋଗରେ ଅଭିଯୁକ୍ତର ଡାକ୍ତରୀମାଇନା କରି ଶୁକ୍ରବାର କୋର୍ଟଚାଲାଣ କରିଛି ପୁଲିସ। ସୂଚନା ମୁତାବକ ଶୁଳିଆପଦା ଥାନା ଅଞ୍ଚଳର ପୀଡିତା ନାବାଳିକା ଜଣକ ବେତନଟୀ ଥାନା ଇଲାକାରେ ନିଜରଆଈପାଖରେ ଦୀର୍ଘବର୍ଷ ଧରି ରହିଆସୁଥିଲେ। ଅଭିଯୁକ୍ତ ଯୁବକ ଜଣକ ୪୦ ପ୍ରତିଶତ ଦିବ୍ୟାଙ୍ଗ ପୀଡିତାଙ୍କୁ ଧମକଚମକ ବାରମ୍ବାର ଦୁଷ୍କର୍ମ କରିଥିଲା। ଏନେଇ ବିଭିନ୍ନ ଦଫାରେ ୫୧ନମ୍ବରରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଡାକ୍ତରୀମାଇନା କରିବା ସହିତ ପୀଡିତାଙ୍କ ବୟାନରେକର୍ଡ କରିଛି ବେତନଟୀ ପୁଲିସ। ଅଭିଯୁକ୍ତଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁନଶ୍ଚ ପୀଡିତାଙ୍କର ଡାକ୍ତରୀ ଡାକ୍ତରୀ ପରୀକ୍ଷା ଚାଲିଥିବା ବେଳେ ସୋମବାର ସ୍ୱତନ୍ତ୍ର ପୋକ୍ସକୋର୍ଟରେ ବିଚାରପତିଙ୍କ ସମ୍ମୁଖରେ ପୁଣି ବୟାନରେକର୍ଡ କରାଯିବାନେଇ ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି।

## ଫାଶୀ ଲଗାଇ ରାଜମିସ୍ତ୍ରିଙ୍କ ଆତ୍ମହତ୍ୟା

**ବେତନଟୀ, ୯ ।୨(ସମିସ):** ବେତନଟୀ ଥାନା ଅଧୀନ କଦମାଶୋଳ ଗ୍ରାମରେ ଜଣେ ଯୁବକ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ବେଳେ ଶୁକ୍ରବାର ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରିଛି ପୁଲିସ। ମୃତକ ଜଣକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ଲାଡିଆ ହେମ୍ବ୍ରମର ପୁଅ ବୁଦ୍ଧିଆ(୪୨)। ବୁଦ୍ଧିଆ ରାଜମିସ୍ତ୍ରୀ ଭାବରେ କାମ କରୁଥିବା ବେଳେ ଗୁରୁବାର କାମ ସାରି ଘରକୁ ଫେରି ଖାଇପିଇ ଶୋଇଥିଲେ। ଶୁକ୍ରବାର ସକାଳେ କବାଟ ନ ଖୋଲିବାରୁ ପଡ଼ୋଶୀଙ୍କ ସନ୍ଦେହ ବଢ଼ିଥିଲା। କାବଟ ଫାଙ୍କରୁ ବୁଦ୍ଧିଆ ବେକରେ ଫାଶୀ ଦେଇ ଝୁଲନ୍ତା ଅବସ୍ଥାରେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବରପାଇ ବଡଜାମବଣି ଫାଣ୍ଡିଅଧିକାରୀ ଏଏସ୍‌ଆଇ ଅଶେଷ କୁମାର ଦାସ, ଏଏସ୍‌ଆଇ ସାନନ୍ଦ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଷ୍ଟମଶ୍ରେଣୀରେ ପଢୁଥିବା ପୁଅ ଜଗାର ଏତଲାକ୍ରମେ ୪ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଏଏସ୍‌ଆଇ ସାନନ୍ଦ ନାଏକ ଶବ ବ୍ୟବଚ୍ଛେଦ କରାଇଛନ୍ତି।

## ଅବକାରୀ ମୋବାଇଲ ଟିମ୍‌ର ଚଢ଼ଉ, ୨ ଗିରଫ

**ବେତନଟୀ, ୯ ।୨(ସମିସ):** ଅବକାରୀ ବିଭାଗର ମୋବାଇଲଟିମ୍ ପକ୍ଷରୁ ଶୁକ୍ରବାର ବେତନଟୀ ଉପକଣ୍ଠ ଭୋଗବାଟୀ ଏବଂ ଗରୁଡବସା ଗ୍ରାମରେ ଚଢ଼ଉ କରି ଚୋରା ଦେଶୀମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଗରୁଡବସା ଗ୍ରାମର ମାଳତୀ ମୁର୍ମୁ ଏବଂ ଭୋଗବାଟୀର ଧରଣୀଧର ପାତ୍ର। ଉଭୟଙ୍କ ନିକଟରୁ ମୋଟ ୭୪ଲିଟର ଚୋରା ଦେଶୀମଦ ଜବତ କରାଯାଇଥିବାବେଳେ ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ମୋବଲାଇ ଟିମ୍ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ ନେତୃତ୍ୱରେ ଏଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ, ଅମ୍ବିକା ପ୍ରସାଦ ନାୟକ, ମନୋରଞ୍ଜନ ସିଂ, ଅସିତ ଗିରି, ମମତା ବାରିକ ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

# ରସମତଳା ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା

**କରଞ୍ଜିଆ, ୯ ।୨(ସମିସ):** ରସମତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ଅନ୍ୟତମ ଅତିଥି ଭାବେ ବିଜ୍ଞାନ ସଂଯୋଜକ ପ୍ରଦୀପ କୁମାର ମହାନ୍ତ, ଏବିଓ ବିପିନ ବିହାରୀ ବାରିକ ଯୋଗ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କାଶୀନାଥ ମହାନ୍ତ ଓ ଡ଼ମ୍ବରୁଧର ମହାନ୍ତ ଯୋଗଦେଇ ଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୩୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ଶ୍ରେଷ୍ଠ ପାଞ୍ଚ ଟି ପ୍ରକଳ୍ପକୁ ଚୟନ କରାଯାଇଥିଲା। ସେଗୁଡିକ ହେଲା ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ର ଶୁଭସ୍ମିତାଙ୍କ ପ୍ରକଳ୍ପ ଓ ଝୁମୁକାକୁଦର ବିଦ୍ୟାଳୟର ପିଙ୍କି ନାଏକ, ରସମତଳା ଉଚ୍ଚ ବିଦ୍ୟାଳୟର ତୁଳସୀ ନାଏକଙ୍କ ପ୍ରକଳ୍ପ ଓ ପଞ୍ଚମ ସ୍ଥାନରେ ଥିଲା କେରକେରା ଉଚ୍ଚ ବିଦ୍ୟାଳୟର ବର୍ଷାରାଣୀ ମହାନ୍ତଙ୍କ ପ୍ରକଳ୍ପ। ବିଜ୍ଞାନ ମେଳା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ବାରିକ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ଚନ୍ଦନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଚରଣଦାଶ ମୁନୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

**କୁଆମରା, ୯ ।୨(ସମିସ):** ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ହରିବଳଦେବ ଜୀଉ ମନ୍ଦିର ପରିସରରେ ଚରଣଦାଶ ମୁନୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଛି। ପରମ୍ପରା ଅନୁଯାୟୀ ମାଘମାସ ଗୁରୁବାର ରେ ଆରମ୍ଭ ହୋଇ ଶୁକ୍ରବାର ଅପରାହ୍ଣରେ ସମାପନ ହୋଇଥାଏ। ମୁନୀଙ୍କ ସମାଧି ପୀଠରେ ଭକ୍ତମାନେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ମାନସିକ ରଖିଥିବା ଭକ୍ତ ଉପବାସ ବ୍ରତ ରଖି ଭୋଗ ବ୍ୟଞ୍ଜନ ସମର୍ପଣ କରିଥାନ୍ତି। ଏହି ଅବସରରେ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ମନ୍ଦିର ବେଢ଼ାରୁ ବାହାରି ନଗର ଭ୍ରମଣ କରିବା ପରେ ଠାକୁର ଓ ମୁନିଙ୍କ ସମାଧି ପୀଠରେ ଅନ୍ନ ଭୋଗ ସମର୍ପଣ କରାଯାଇ ଥାଏ। ପ୍ରମୋଦ କୁମାର ମିଶ୍ର ଓ ପ୍ରବୀର କୁମାର ମିଶ୍ରଙ୍କ ଦ୍ୱାରା ପୂଜା ପାଠ ସମ୍ପନ୍ନ ହୋଇଥିଲା।

# ଚଣ୍ଡୀଛକରୁ ଜବରଦଖଲ ଉଚ୍ଛେଦ ଘଟଣାରେ ହାଇକୋର୍ଟଙ୍କ ରହିତାଦେଶ

**ବେତନଟୀ, ୯ ।୨(ସମିସ):** ବେତନଟୀ ଚଣ୍ଡୀଛକରେ ପୂର୍ତ୍ତବିଭାଗର ରାସ୍ତାପାର୍ଶ୍ୱସ୍ଥ ଦୋକାନଘର ଗୁଡିକୁ ଉଚ୍ଛେଦ ପାଇଁ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିବାବେଳେ ଏନେଇ କିଛି ଦୋକାନୀ ଓଡ଼ିଶା ଉଚ୍ଚନ୍ୟାୟଳୟଙ୍କ ଠାରେ ଦ୍ୱାରସ୍ଥ ହେବାପରେ ଜବରଦଖଲ ଉଚ୍ଛେଦ ଉପରେ ରହିତାଦେଶ ଜାରି କରିଛନ୍ତି ମାନ୍ୟବର ଅଦାଲତ। ପୂର୍ତ୍ତବିଭାଗ ରାସ୍ତାପାର୍ଶ୍ୱରେ ନୟନଯୋରି କିସମର ଖାତାନଂ ୪୧୪ ଏବଂ ପ୍ଲଟନଂ ୫୬୧ରେ ଆଜକୁ ୫୦-୬୦ବର୍ଷ ଧରି ଦୋକାନୀମାନେ ବ୍ୟବସାୟକରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ତେବେ ଉକ୍ତ ଦୋକାନଘର ଗୁଡିକୁ ଉଚ୍ଛେଦ ପାଇଁ ପ୍ରତିପକ୍ଷ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲ ଉଚ୍ଛେଦ ନୋଟିସ ପାଇବାପରେ ଆବେଦନକାରୀ ପଞ୍ଚାନନ ଦାସ, ସୁରେଶ ପଣ୍ଡିତ ଏବଂ ଚୈତନ ମଡୁଆଳ ପ୍ରମୁଖ ମାନ୍ୟବର ଓଡ଼ିଶାହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାସହିତ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଯୁବଆଇନଜୀବୀ ସନ୍ଦୀପ ମିଶ୍ର(କାର୍ତ୍ତିକ) ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ବାଢିଥିଲେ। ତଦନୁଯାୟୀ ହାଇକୋର୍ଟ ଜବରଦଖଲ ଉଚ୍ଛେଦ ଉପରେ ରହିତାଦେଶ ଦେବାସହିତ ଫେବୃଆରୀ ୧୫ତାରିଖ ସୁଦ୍ଧା ଜବାବଦାଖଲ କରିବାକୁ ତହସିଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ଜବାବ ଦାଖଲର ତିନିସପ୍ତାହ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱୟଂସିଦ୍ଧା ମହିଳା ମହାସଂଘର ବାର୍ଷିକ ଅଧିବେଶନ

**ଯଶିପୁର, ୯ ।୨(ସମିସ):** ‘ପ୍ରଦାନ’ ସ୍ୱେଚ୍ଛାସେବୀ ସଂଗଠନର ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ମହାସଂଘର ବାର୍ଷିକ ଅଧିବେଶନ ଯଶିପୁର ନିକଟସ୍ଥ କୁମ୍ଭୀର ପ୍ରକଳ୍ପ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା ମିନତୀ ନାଏକ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସତ୍ୟାନନ୍ଦ ଦାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପରିଷଦ ସଭ୍ୟା ମିନତୀ ନାଏକ, ବ୍ଲକ ବିପିଏମ୍ ମୋତିଲାଲ ସାହୁ, ଯୁବନେତା ଚକ୍ରଧର ହେମ୍ବ୍ରମ, ବିଶ୍ୱନାଥ ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ମହାସଂଘର ସମ୍ପାଦିକା ରୁକ୍ମଣୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ସତ୍ୟଭାମା ମହାନ୍ତ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତ ମହାସଂଘର ମହିଳାଙ୍କ ସହଯୋଗ କାମନା କରିଥିଲେ।




■ **ଅପେକ୍ଷାର ଅନ୍ତ**

# ଆଦିବାସୀଙ୍କୁ ମିଳିଲା ଜଙ୍ଗଲ ଜମି ଅଧିକାର

**ମହୁଲଡିହା/ଠାକୁରମୁଣ୍ଡା, ୯ ।୨(ସମିସ):** ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଠାକୁରମୁଣ୍ଡା ତହସିଲର ସାତକୋଶିଆ ବନାଞ୍ଚଳର ଝରଝରି ଓ ଅସୁରଖାଲ ଗ୍ରାମର ଆଦିବାସୀଙ୍କୁ ଗତ ୮ ତାରିଖ ଗୁରୁବାର ଦିନ ସେମାନଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାରର ସ୍ୱିକୃତୀନାମା ସା।ତ କେ।ଶି ଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଠାରେ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, ଭଲିଆଡ଼ାଳ ପଞ୍ଚାୟତରେ କାମ କରିଥିବା ସ୍ୱେଚ୍ଛାସେବୀ ସଂଗଠନ ଆରସିଡିସିର ସହଯୋଗ କ୍ରମେ ବିଗତ ୪ ବର୍ଷ ତଳେ ଗ୍ରାମସଭା କରାଯାଇ ଆବଶ୍ୟକୀୟ ଦସ୍ତାବିଜ ପ୍ରସ୍ତୁତିରେ କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ସହଯୋଗ କରିବା ସହ ରାଜସ୍ୱ ନିରୀକ୍ଷକ, ତତ୍‌କାଳୀନ ତହସିଲଦାର, ବନପାଳ, ବନାଞ୍ଚଳ ଅଧିକାରୀଙ୍କୁ ଯୋଗାଯୋଗ କରିବା ଓ କ୍ଷେତ୍ର ପରିଦର୍ଶନର ସଂଯୋଜନା ଦାୟିତ୍ୱ ନେଇଥିଲେ। ଝରଝରି ଗ୍ରାମର ୪୪ ଟି ପରିବାର, ଅସୁରଖାଲର ପୂର୍ବରୁ ପାଇ ନ ଥିବା ୫ ଟି ପରିବାରର ଲୋକ ପ୍ରଥମ କରି ଜଙ୍ଗଲ ଅଧିକାର ସ୍ୱୀକୃତିନାମା ଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏହି ଗ୍ରାମର ବିକ୍ରମ ଚାତାର, ମାନଦା ମୁଣ୍ଡରି, ପାନ ଗଇପାଇ, ଅସିଇ ଚାତାର, ମଦନ ସାମାଡ, ଦୁବୁରୁ କୁଦାଦା ପ୍ରମୁଖ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାସହ ତହସିଲଦାର ସୁପ୍ରିୟା, ଅତିରିକ୍ତ ତହସିଲଦାର, ସୁଶିଲ ବାରିକ ଓ ରାଜସ୍ୱ ନୀରିକ୍ଷକ ସୁରେଶ ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି। ଭାଲିଆଡ଼ାଳ ପଞ୍ଚାୟତ ଅଧୀନ ଜଙ୍ଗଲ ପାହାଡ ଘେରା ସବୁଠୁ ଅତି ଗରିବ ଥିବା ଆଦିବାସୀ ଗ୍ରାମ ଝରଝରୀ ଓ ଅସୁରଖାଲ ଗ୍ରାମ ଏହି ପରିବାରଙ୍କୁ ବିଭିନ୍ନ ସରକାରୀ ସୁବିଧା ଓ ଆବାସ ଯୋଜନା ମିଳିବା ପାଇଁ ବାଟ ଫିଟିଗଲା ବୋଲି ସ୍ଥାନୀୟ ସରପଞ୍ଚ ଜାହ୍ନବୀ ସୟ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସକୁ ପ୍ରଶଂସା କରିଛନ୍ତି।




# ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଉଦ୍‌ଯାପିତ

**ରାଇରଙ୍ଗପୁର, ୯ ।୨(ସମିସ)**

ମୁଖ୍ୟମନ୍ତ୍ରୀଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଓଡ଼ିଶାରେ ଯୁଗାନ୍ତକାରୀ ପରିବର୍ତ୍ତନ ଓ ଉନ୍ନୟନମୂଳକ କାର୍ଯ୍ୟର ରୂପାନ୍ତର ଘଟିଛି। ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ବ୍ଲକ ପୁରୁଣାପାଣି ପଞ୍ଚାୟତ ଅଧୀନସ୍ତ ପଡ଼ିଆଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସଭାପତି ତଥା ବିଡିଓ ନାରାୟଣୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁରାଇ ମାର୍ଣ୍ଡି, ଏଇଇ ଅଂଶୁମାନ ସାମଲ, ୪୫ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ମହାନ୍ତ, ଜେଇ ପ୍ରଶାନ୍ତ କୁମାର ଦାଶ, କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ସିଂ, ପିଇଓ ଅନୀଲ କୁମାର ମହାନ୍ତ, ପୁରୁଣାପାଣି ଗ୍ରାମ ପଞ୍ଚାୟତର ସରପଞ୍ଚ ବାଲହୀମଣୀ ଟୁଡୁ, ନାଏବ ସରପଞ୍ଚ ଶଙ୍ଖ ହାଁସଦାଃ, ପଞ୍ଚାୟତସମିତି ସଭ୍ୟା ଝୁନୁମଣୀ ଗିରି ଓ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶାନ୍ତନୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରୀୟ ସଚେତନତା ସଭାକୁ କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ସିଂ ଓ ପିଇଓ ଅନୀଲ କୁମାର ମହାନ୍ତ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ତାଙ୍କ ବକ୍ତବ୍ୟରେ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ମମତା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ଆବାସ ଯୋଜନା, ଲକ୍ଷ୍ମୀ ବସ୍, କୃଷି ଉଦ୍ୟୋଗ ଯୋଜନା, ପାନୀୟଜଳ ଯୋଜନା, କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ବ୍ୟାଙ୍କ, ମିଶନ ଶକ୍ତି ଯୋଜନା ଇତ୍ୟାଦି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶାନ୍ତନୁ କୁମାର ସାହୁ ମଧ୍ୟ ତାଙ୍କର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜେଇ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।





## ୧୬ରୁ +୨ ପରୀକ୍ଷା

# ଆଜିଠାରୁ ହବ୍‌ରେ ପହଞ୍ଚିବ ପ୍ରଶ୍ନପତ୍ର

**■ ଉତ୍ତର ଓଡ଼ିଶାରେ ପରୀକ୍ଷା ଦେବେ ୭୧ହଜାର ୩୩୪ ପରୀକ୍ଷାର୍ଥୀ**

ବାରିପଦା, ୯ ।୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫେବୃଆରୀ ୧୬ତାରିଖରୁ ଆରମ୍ଭ ହେବ। ଏଥିପାଇଁ ହବ୍‌କେନ୍ଦ୍ରରେ ଶନିବାର ଅର୍ଥାତ୍ ୧୦ତାରିଖରୁ ପ୍ରଶ୍ନପତ୍ର ପହଞ୍ଚିବ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେଗୁଡିକ ରଖାଯିବା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ବାରିପଦା ସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ଅନ୍ତର୍ଗତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ୪ଟି ଜିଲ୍ଲାରେ ଚଳିତଥର ୭୧ହଜାର ୩୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିଲେ। ବାଲେଶ୍ୱର ଜିଲ୍ଲାରେ ମୋଟ ୨୨ହଜାର ୧୬୩ ପରୀକ୍ଷାର୍ଥୀ ଥିବା ବେଳେ ଭଦ୍ରକ ଜିଲ୍ଲାରେ ୧୨ହଜାର ୧୯୯, ମୟୂରଭଞ୍ଜ ଜିଲ୍ଲାରେ ୨୩ହଜାର ୧୬ ଓ କେନ୍ଦୁଝର ଜିଲ୍ଲାରେ ୧୩ହଜାର ୯୫୬ ପରୀକ୍ଷାର୍ଥୀ ରହିଛନ୍ତି। ଏମାନେ ଗତ ଡିସେମ୍ବର ୨୭ତାରିଖରେ ଆଡ଼ମିଟ କାର୍ଡ ଡାଉନଲୋଡ କରିଛନ୍ତି। ଚଳିତ ବର୍ଷ +୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ନିମନ୍ତେ ଜାନୁଆରୀ ୨ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ଶେଷ ହୋଇଛି। ଫେବୃଆରୀ ୧୬ରୁ ମାର୍ଚ୍ଚ ୨୦ପର୍ଯ୍ୟନ୍ତ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପରିଷଦ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶ୍ନପତ୍ର ଗୁଡିକ ନିମନ୍ତେ ୩୩ଗୋଟି ହବରେ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ୧୬ତାରିଖରୁ ପ୍ରଶ୍ନ ପତ୍ର ଖୋଲାଯାଇ ପ୍ରତିଦିନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ। ବାରିପଦା ସ୍ଥିତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା କାର୍ଯ୍ୟାଳୟ ଅଧିନରେ ଥିବା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାରେ

| ଜିଲ୍ଲା | କଳା | ବାଣିଜ୍ୟ | ବିଜ୍ଞାନ | ପରୀକ୍ଷା କେନ୍ଦ୍ର | ହବ୍ |
|---|---|---|---|---|---|
| ବାଲେଶ୍ୱର | ୧୩, ୦୧୭ | ୧୧୪୯ | ୮୦୦୦ | ୬୭ | ୧୧ |
| ଭଦ୍ରକ | ୮, ୦୭୦ | ୧୨୭୯ | ୨୮୫୦ | ୩୫ | ୫ |
| ମୟୂରଭଞ୍ଜ | ୧୫, ୨୭୫ | ୧୧୧୨ | ୬୬୨୯ | ୭୩ | ୯ |
| କେନ୍ଦୁଝର | ୯୧୬୦ | ୯୮୮ | ୩୮୦୮ | ୪୫ | ୮ |
| ସମୁଦାୟ | ୪୫, ୫୫୨ | ୪୫୨୫ | ୨୧୨୮୭ | ୨୨୦ | ୩୩ |

ମୋଟ ୩୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୭୧ହଜାର ୩୩୪ ପରୀକ୍ଷାର୍ଥୀ ୨୨୦ଟି କେନ୍ଦ୍ରରେ ପରୀକ୍ଷା ଦେବାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଶିକ୍ଷା ପରିଷଦର ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ୪ଟି ଜିଲ୍ଲାରେ ୧୯ଟି ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ କରାଯାଇଛି। ସୁପରିଟେଣ୍ଡେଣ୍ଟ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି।

ସେହିପରି ୪ଟି ଜିଲ୍ଲାରେ ଧନ୍ଦାମୂଳକ ପରୀକ୍ଷାରେ ମୋଟ ୧୫୬୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବାଲେଶ୍ୱର ଜିଲ୍ଲାରୁ ୨୬୦ଜଣ ପରୀକ୍ଷାର୍ଥୀ ଥିବା ବେଳେ ଭଦ୍ରକରୁ ୩୧୯ ମୟୂରଭଞ୍ଜରୁ ୬୩୩ ଓ କେନ୍ଦୁଝର ଜିଲ୍ଲାରୁ ୩୫୨ଜଣ ପରୀକ୍ଷାର୍ଥୀ ଥିବା ନେଇ ଉପସଚିବ ଶ୍ରୀ ପରମାଣିକ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ବାରିପଦା, ୯ ।୨(ସମିସ): ଲଘୁ ଖଣିଜ ଚୋରା ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏଥି ସହିତ ଟ୍ରାକ୍ଟର ଚାଳକ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନିୟନ୍ତ୍ରଣ କରିବାରେ ରାଜସ୍ୱ ବିଭାଗ ଫେଲ୍ ମାରିଛି। ଏହି କ୍ରମେ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ବାରିପଦା ସହରରେ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ପଚରା ଉଚରା କରିଥିଲେ। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ଜାଣିବା ପରେ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକକୁ ଗିରଫ କରିଥିଲେ। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି।



## ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ କର୍ମଶାଳା

# ସ୍ୱ-ମୂଲ୍ୟାୟନ କରିବାକୁ ପରାମର୍ଶ

ବାରିପଦା, ୯ ।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟା ଳୟର ଅନୁବନ୍ଧିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଅଣଶିକ୍ଷକ କର୍ମଚାରୀମାନେ କିପରି କାର୍ଯ୍ୟକ୍ଷମ, ପ୍ରଭାବଶାଳୀ ଏବଂ ସମୟବଦ୍ଧତା ବଜାୟ ରଖିପାରିବେ ତା ଉପରେ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ସହଦେବ ସମାଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦାନ କରି କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନେ କିପରି ନିଜର କୌଶଳ ବର୍ଦ୍ଧନ ପୂର୍ବକ ଅନୁଷ୍ଠାନର ପ୍ରଗତିରେ ନିଜକୁ ସାମିଲ କରିପାରିବେ ତା ଉପରେ ଆଲୋକପାତ କରିଥିଲେ। ସେ କର୍ମଚାରୀମାନଙ୍କୁ ନିଜର ସ୍ୱ-ମୂଲ୍ୟାୟନ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଓ ବିଶ୍ୱବିଦ୍ୟାଳୟ ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମର ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାର ଆବାହକ ତଥା ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ୭୪ ଜଣ ଅଣଶିକ୍ଷକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାର ଚାରୋଟି ପର୍ଯ୍ୟାୟରେ ପ୍ରଶାସନିକ ନୀତିନିୟମ ଓ ଆନୁସଙ୍ଗିକ ବିଷୟ ଗୁଡ଼ିକରେ ଆଲୋଚନା କରାଯାଇଥିଲା ଏବଂ ଭବିଷ୍ୟତରେ ଏଭଳି କର୍ମଶାଳାର ଆୟୋଜନ ପାଇଁ ମତପ୍ରକାଶ ପାଇଥିଲା। ଏହି କର୍ମଶାଳାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଦିବାସୀ ଜନଜାତିଙ୍କ ଉପରେ ଗବେଷଣା, ଜ୍ଞାନକୌଶଳ ଆଦାନପ୍ରଦାନ, ଶିକ୍ଷାପ୍ରଦାନ ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଯୁଗଳ କିଶୋର ମିଶ୍ର, କୁଳସଚିବ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ଏମ୍‌ଏସ୍‌ସିବିୟୁ କନେକ୍ଟ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଉଚ୍ଚଶିକ୍ଷାର ଅନୁଷ୍ଠାନରେ କିପରି ଏକାଡେମିକ୍ କୁଶଳୀ ଏବଂ ଅଭିନବ ହେବେ ସେ ବିଷୟରେ ଏକ ସାରଗର୍ଭକ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ।




## ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲ୍ଲୀ ଫେଷ୍ଟ

# ମୟୂରଭଞ୍ଜ ତୃତୀୟଥର ପାଇଁ ଚାମ୍ପିଅନ

ବାରିପଦା, ୯ ।୨(ସମିସ): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲ୍ଲୀ ଫେଷ୍ଟ -୨୦୨୩ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଫେବୃଆରୀ ୫ତାରିଖରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହୋଇଯାଇଛି। ଏହି ଉତ୍ସବରେ ସର୍ବମୋଟ ୧୧ଟି ଆଞ୍ଚଳିକ ଦଳରେ ଥିବା ଶିଳ୍ପ ତାଲିମ ଅନୁଷ୍ଠାନର ୧୮୦୦ ଛାତ୍ର ଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା ଏବଂ ଆଞ୍ଚଳିକ ଦଳ ମୟୂରଭଞ୍ଜ ତୃତୀୟଥର ପାଇଁ ବିଜୟ ଲାଭ କରି ରାଜ୍ୟସ୍ତରୀୟ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ସଭାପତି ଅଳକା ଆରୋରା ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଏସଡିଟିଇ ଓଡ଼ିଶାର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଯୋଗଦେଇ ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ। ଡିଟିଇଟି ଓଡ଼ିଶାର ଉପ ନିର୍ଦ୍ଦେଶକ ଅଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମୟୂରଭଞ୍ଜ ଦଳର ହାଟ୍ରିକ୍ ବିଜୟ ପାଇଁ ଜିଲ୍ଲାର ବିଭିନ୍ନ ମହଲରୁ ତକତପୁର ଟିଟିଆଇର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାଢ଼ୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।




## ପୂର୍ଣ୍ଣଚନ୍ଦ୍ର ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

# ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୯ ।୨(ସମିସ): ମୟୂରଭଞ୍ଜ ଗଡ଼ଜାତ ଶାସନ ଅମଳରେ ୧୯୩୧ମସିହା ଫେବୃଆରୀ ୯ ତାରିଖରେ ସ୍ଥାନୀୟ ଷ୍ଟେସନବଜାର ଠାରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ ଏବଂ ବିହାର ଓଡ଼ିଶା ଗଭର୍ଣ୍ଣର ସାର୍ ଜେମସ୍ ଡେଭିଡ୍ ସିଫ୍‌ଟନ୍‌ଙ୍କ ଶିଳାନ୍ୟାସ ପରେ ଓଡ଼ିଶାରେ ପ୍ରଥମ ବୈଷୟିକ ଶିକ୍ଷାଦାନ ଉଦ୍ଦେଶ୍ୟରେ ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଏହି ଐତିହାସିକ ଅନୁଷ୍ଠାନର ୯୩ତମ ପ୍ରତିଷ୍ଠା ଦିବସ ଅଧୀକ୍ଷକ ପ୍ରଭୁଦତ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୂଲ୍ୟରେ ପାଳିତ ଏହି ପ୍ରତିଷ୍ଠା ଦିବସରେ ଫୋରମ୍‌ର ସଂଯୋଜକ ସାମ୍ବାଦିକ ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପିସି କଲେଜର ଆଲମୁନି ସଭାପତି ଡ. ବିଜୟ କୁମାର ଅଗରୱାଲା ଯୋଗଦେଇ ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନର ନାମକୁ ସାର୍ଥକ କରି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଇତିହାସ ରଚି ଏକାଧାରରେ ଏହି ଅନୁଷ୍ଠାନରେ ପ୍ରଥମ ମାଟ୍ରିକ ପାଶ୍ ଛାତ୍ର ଭାବେ ନାମ ଲେଖା ଏବଂ ତାଲିମ୍ ପରେ ପ୍ରଥମ ମେଟ୍ରିକ୍ୟୁଲେଟ୍ ହେବାସହିତ ପ୍ରଶିକ୍ଷକ ଚାକିରି, ଅଣଯାନ୍ତ୍ରିକ ବିଭାଗୀୟ ହୋଇବି ପ୍ରଥମ ଅଧୀକ୍ଷକ ପଦ ମଣ୍ଡନ, ଓଡ଼ିଶାରେ ବୈଷୟିକ ବିଭାଗୀୟ ପ୍ରଥମ ପାଠ୍ୟ ପୁସ୍ତକ ରଚନା, ସେ ବହୁ ଜାତୀୟ ଏବଂ ରାଜ୍ୟସ୍ତରୀୟ ଉପାଧି ପ୍ରାପ୍ତି ସହିତ ନିକଟରେ ସନ୍ଥମୂର୍ତ୍ତି ଉପାଧି ପାଇ ଥିବାରୁ ସମଗ୍ର ଜିଲ୍ଲା ତାଙ୍କ ପାଇଁ ଗର୍ବିତ କହି ତାଙ୍କୁ ସେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭା ପ୍ରାରମ୍ଭରେ ଅତିଥି ଗଣ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଫୋରମ୍‌ର ସମ୍ପାଦକ ଆଇନଜୀବୀ ବିପ୍ଳବ କୁମାର ବାରିକ ସ୍ୱାଗତ ଅଭିଭାଷଣ ସହ ଫୋରମ୍‌ର ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ। ଫୋରମ୍ ତରଫରୁ ଅନୁଷ୍ଠାନର ଅଧ୍ୟକ୍ଷଙ୍କୁ ପ୍ରତ୍ୟେକ ବର୍ଷ ପ୍ରତିଷ୍ଠା ଦିବସକୁ ବାର୍ଷିକ ଉତ୍ସବ ରୂପେ ପାଳନ କରିବାକୁ ପରାମର୍ଶ ଦେଇ ତାହା ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ପ୍ରତି ପୂଜ୍ୟପୂଜା ହେବ ବୋଲି ସଂଯୋଜକ ମତବ୍ୟକ୍ତ କରିଥିଲେ। ପ୍ରତିବର୍ଷ ପ୍ରତିଷ୍ଠା ଦିବସରେ ଅନୁଷ୍ଠାନର କୃତୀ ବିଦ୍ୟାର୍ଥୀଙ୍କୁ ସିଟିଜେନ ଫୋରମ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଅନୁଷ୍ଠାନର ଅବସରପ୍ରାପ୍ତ ବରିଷ୍ଠ କିରାଣି ବ୍ରଜକିଶୋର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।



## କଚେରି ପରିସରରେ ନୂତନ ଶୌଚାଳୟର ଭିତ୍ତିପ୍ରସ୍ତର

ବାରିପଦା, ୯ ।୨(ସମିସ): ବାରିପଦା ପୌରପାଳିକା ପକ୍ଷରୁ ସ୍ଥାନୀୟ କଚେରି ପରିସରରେ ଏକ ନୂତନ ଶୌଚାଳୟର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। କଚେରି ପରିସରରେ ସର୍ବ ସାଧାରଣଙ୍କ ବ୍ୟବହାର ନିମନ୍ତେ ଶୌଚାଳୟ ନ ଥିବାରୁ କଚେରିକୁ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜିଲ୍ଲା ଓକିଲ ସଂଘ ପକ୍ଷରୁ କଚେରି ପରିସରରେ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ବାରିପଦା ପୌରପାଳିକାକୁ ଜଣାଇଥିଲେ। ଏହାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ନୂତନ ଶୌଚାଳୟ ନିର୍ମାଣ କରିବା ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲ୍ଲା ଓ ଦୌରା ଜଜ୍ ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ, ଅଭିନ୍ନ କୁମାର ପଟ୍ଟନାୟକ ଏବଂ ଅନ୍ୟାନ୍ୟ ପ୍ରମୁଖ ଆଇନଜୀବୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ମା’ କୀଚକେଶ୍ୱରୀ ଲାୟନ୍ସ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା, ୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଖିଚିଂର ଐତିହାସିକ ଷ୍ଟାଡିୟମ୍‌ରେ ତିନିଦିନିଆ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସୁଶାନ୍ତ ନାଏକ ଉଦ୍‌ଘାଟନ କରିଥିଲେ। ମା କିଚକେଶ୍ୱରି ମନ୍ଦିରର ପୂଜକ ଦିଲୀପ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଟିମ୍ ଭାଗ ନେଇଛନ୍ତି। ପ୍ରଥମ ପୁରସ୍କାର ୩୦, ୦୦୦ ଓ ଦ୍ୱିତୀୟ ପୁରସ୍କାର ୨୦, ୦୦୦ ଟଙ୍କା କମିଟି ତରଫରୁ ରଖାଯାଇଛି। ରବିବାର ଦିନ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟିର ସଦସ୍ୟ ହରେକୃଷ୍ଣ ନାଏକ ସୂଚନା ଦେଇଛନ୍ତି।

## ସହରାଞ୍ଚଳ ସଚେତନତା ଶିବିର



ବାରିପଦା, ୯ ।୨(ସମିସ): ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ସହରାଞ୍ଚଳ ସଚେତନତା ଶିବିର କାର୍ଯ୍ୟକ୍ରମ ବାରିପଦା ପୌରପାଳିକା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ୱାର୍ଡ ନମ୍ବର ୧, ବେଲଗଡ଼ିଆ ସ୍ଥିତ ପଡ଼ିଆରେ ଉକ୍ତ ଶିବିରରେ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଉକ୍ତ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହିକ୍ରମରେ ବାରିପଦା ପୌରପାଳିକା ଅଞ୍ଚଳରେ ବିଭିନ୍ନ ଯୋଜନାରେ ହୋଇଥିବା ରୂପାନ୍ତରିତ କାର୍ଯ୍ୟ ବାବଦରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶିବିର ଆୟୋଜନ କରାଯାଇଥିବା ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ବାରିପଦା ପୌରପାଳିକାର ୨୮ଟି ୱାର୍ଡକୁ ୭ଭାଗରେ ବିଭକ୍ତ କରିବା ସହ ୪୬ଟି ବସ୍ତି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଫେବ୍ରୁଆରୀ ୧ରୁ ଆରମ୍ଭ ହୋଇଛି। ସାମାଜିକ ସୁରକ୍ଷା, ମୁକ୍ତା ଯୋଜନାରେ ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ରେସନ କାର୍ଡ ଜରିଆରେ ଖାଦ୍ୟ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଭତ୍ତା ପ୍ରଦାନ, ଆହାର କେନ୍ଦ୍ର, ରାସ୍ତା ଘାଟ, ପାର୍କିଂ ଜୋନ, ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତିକରଣ ଆଦି ବିଭିନ୍ନ ରାଜ୍ୟ ସରକାରଙ୍କ ମହତକାଂକ୍ଷୀ ଯୋଜନା ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ଉକ୍ତ ଶିବିରର ଆୟୋଜନ କରାଯାଇଛି। ଉକ୍ତ ଶିବିରରେ ସ୍ଥାନୀୟ ୱାର୍ଡ କାଉନସିଲର ସୁକେଶିନୀ ସେଠୀ ସମେତ ସମସ୍ତ ୱାର୍ଡର କାଉନସିଲର, ପୌର କର୍ମଚାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଯୋଗ ଦେଇଛନ୍ତି।

## ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## କାର୍ଯ୍ୟାଳୟ ପିଣ୍ଡାରେ ମଲା କୁକୁଡ଼ା ଆଣି ଗଦାକଲେ

# ମଲା କୁକୁଡ଼ା ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଫାର୍ମ ମାଲିକ

ବାରିପଦା, ୯ ।୨(ସମିସ): ଓଡ଼ିଶା ପ୍ରାଣୀ ଚିକିତ୍ସା ସଂଘର ଡାକରାକ୍ରମେ ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସକ ମାନେ ସମୂହ ଛୁଟିରେ ଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଯାହାକୁ ନେଇ ୨୩ରୁ ଅଧିକ ଦିନ ହେବ ମୟୁରଭଞ୍ଜ ଜିଲ୍ଲାରେ ପ୍ରାଣୀ ଚିକିତ୍ସା ସେବା କାର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚିକିତ୍ସା ଅଭାବରୁ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାହାକୁ ଆଣି ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁକୁଡ଼ା ଫାର୍ମ ମାଲିକମାନେ ଶୁକ୍ରବାର ପୁଣି ମଲାକୁକୁଡ଼ାକୁ ଆଣି କାର୍ଯ୍ୟାଳୟ ପିଣ୍ଡାରେ ଗଦାକରି ସହାୟତା ନିମନ୍ତେ ଗୁହାର ଜଣାଇଛନ୍ତି। ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବାବେଳେ ଚିକିତ୍ସା ନ ପାଇ ଫାର୍ମର କୁକୁଡା ମାନେ ମରିବାରେ ଲାଗିଛନ୍ତି। ଯାହା ଫଳରେ ଚିକିତ୍ସା ଅଭାବରୁ ପ୍ରତିଦିନ କୁକୁଡ଼ା ମରିବା ଯୋଗୁଁ ଫାର୍ମ ମାଲିକ ମାନେ କ୍ଷତି ସହି ଅତିଷ୍ଠ ହୋଇ ପଡ଼ିଲେଣି। ତେଣ ସମସ୍ୟାର ସମାଧାନ କରିବା ସହ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିବା ପାଇଁ ଆସି ପହଞ୍ଚି ଥିଲେ। ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର କୁକୁଡ଼ା ଚାଷୀମାନେ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଦାବିକରି ଶହ ଶହ ମଲା କୁକୁଡା ଜିଲ୍ଲାପାଳ କାର୍ଯ୍ୟାଳୟ ପିଣ୍ଡାରେ ଗଦା କରିଥିଲେ। ଉକ୍ତ ଅଞ୍ଚଳର ଚାଷୀମାନେ ମାତ୍ର ୧୦ହଜାର କୁକୁଡାର ଫାର୍ମ କରିଛନ୍ତି। ହେଲେ ଚିକିତ୍ସା ଓ ଔଷଧ ନପାଇ ଦୈନିକ ୧୫୦ରୁ ୨୦୦ କୁକୁଡା ମରିବାରେ ଲାଗିଛନ୍ତି ବୋଲି ସେମାନେ କହିଛନ୍ତି। ବହୁ କ୍ଷୁଦ୍ର ପ୍ରାଣୀ ଉଦ୍ୟୋଗୀ ଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ସରକାରୀ ସହାୟତା ନେଇ ଚାଷ ଆରମ୍ଭ କରିଥିବା ବେଳେ କ୍ଷତି ସହୁଛନ୍ତି। ମୟୁରଭଞ୍ଜ ଜିଲ୍ଲାରେ ୮୫ଜଣ ପ୍ରାଣୀ ଚିକିତ୍ସକ ସମୂହ ଛୁଟି ଯୋଗୁଁ ଜିଲ୍ଲାର ୪୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ସେବା ଠପ୍ ହୋଇଛି। ଯାହାଫଳରେ ଚିକିତ୍ସା ସଂକଟରେ ପଡ଼ିଥିବାବେଳେ ପଶୁପକ୍ଷୀ ଚାଷୀ ହତାଶ ହୋଇଛନ୍ତି। ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟ ବନ୍ଦ ଯୋଗୁଁ ଚିକିତ୍ସା ହେଉନାହିଁ। ଏଥିସହିତ ସେମାନେ ଜିଲ୍ଲା ଅଫିସରୁ ବୀମା ଟଙ୍କା ନ ପାଇ ହଇରାଣ ହରକତ ହେଉଛନ୍ତି। ପ୍ରାଣୀ ମରିଗଲେ ପୋଷ୍ଟମର୍ଟମ କରିବା ପାଇଁ ଡାକ୍ତର ନାହାନ୍ତି। ଫଳରେ ବୀମା ରାଶି ମଧ୍ୟ ଲୋକଙ୍କୁ ମିଳିପାରୁନାହିଁ। ଗରିବ ପ୍ରାଣୀପାଳକ ମାନେ ସେମାନଙ୍କ ଗୃହପାଳିତ ପ୍ରାଣୀ ମାନଙ୍କୁ ଡାକ୍ତରଖାନା ଆଣିଲେ ବି ଚିକିତ୍ସା ନପାଇ ହାଇରାଣ ହେଉଛନ୍ତି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଫାର୍ମ ମ୍ୟାନେଜର ନନ୍ଦ କିଶୋର ଜେନା ଦାବି ଜଣାଇଛନ୍ତି। କେବଳ ଫାର୍ମ ମାଲିକ ନୁହେଁ କୁକୁଡା ଓ ଗାଈ ଫାର୍ମ କରିଥିବା ଜିଲ୍ଲାର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ସମାନ ଦାବିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହିଞ୍ଚିଥିଲେ। ଫାର୍ମର ସବସିଡି ସହିତ ଚିକିତ୍ସା ନ ପାଇ ସେମାନେ ମଧ୍ୟ ଏଭଳି କ୍ଷତି ସହୁଛନ୍ତି ବୋଲି ଗୀତା ନାୟକ, ମୀରା ଦେବୀ, ଜୟନ୍ତୀ ମହାନ୍ତ, ସୁମିତ୍ରା ମହାନ୍ତ କହିଛନ୍ତି। ଏଭଳି ଅଭାବନୀୟ ପରିସ୍ଥିତିକୁ ନେଇ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ କାର୍ଯ୍ୟାଳୟ ବାହାରକୁ ଆସି ଘଟଣା ବାବଦରେ ବୁଝିବା ସହିତ ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ। ଧାରଣାରତ ପ୍ରାଣୀ ଚିକିତ୍ସକଙ୍କ ସହିତ ଆଲୋଚନା କରି ଏ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ତେବେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଗତ ମଙ୍ଗଳବାର ମଲା କୁକୁଡ଼ା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବାବେଳେ ବୁଧବାର ମଲାଗାଈ ଆଣି ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଲା ପଶୁ ଧରି ପହଞ୍ଚି ପ୍ରତିବାଦ ଜଣାଉଛନ୍ତି। ତେଣୁ ଯଥାଶୀଘ୍ର ପ୍ରାଣୀ ଡାକ୍ତରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଦାବି ଜଣାଇଛନ୍ତି।



ଚମ୍ପୁଆ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଭେଟିଲେ ଟ୍ରକ୍ ମାଲିକ ସଂଘ

# ବଢୁଛି ଧାମରା ଅନ୍‌ଲୋଡିଂ ବିବାଦ

ଚମ୍ପୁଆ, ୯।୨(ସମିସ)

ଯୋଡା ଅଞ୍ଚଳରୁ ଧାମରାକୁ ପରିବହନ ହେଉଥିବା ଲୁହାପଥର ବୋଝେଇ କେନ୍ଦୁଝର ଜିଲ୍ଲା ଟ୍ରକ୍‌ଗୁଡିକ ଅନଲୋଡିଂ ସମୟରେ ନାନା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ଧରି ଅନଲୋଡିଂ ପାଇଁ ଟ୍ରକ୍‌ଗୁଡିକ ଛିଡ଼ା ହେଉଥିବାରୁ ମାଲିକମାନେ ପ୍ରବଳ କ୍ଷତି ସହୁଛନ୍ତି। ଏପରିକି ଧାମରା ଅଞ୍ଚଳରେ ଡ୍ରାଇଭରମାନଙ୍କୁ ହେଉଥିବା ଆକ୍ରମଣକୁ ବିରୋଧ କରି ଆଜି ଯୋଡ଼ା, ବଡବିଲ, କେନ୍ଦୁଝର ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଗଠନ କରାଯାଇଥିବା କୋର୍ କମିଟି ସଦସ୍ୟମାନେ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କୁ ସାକ୍ଷାତ କରିଛନ୍ତି। ସୂଚନା ଅନୁସାରେ ଅନ୍ୟ ଜିଲ୍ଲାର ଟ୍ରକ୍‌ଗୁଡିକ ଯୋଡା ଅଞ୍ଚଳରୁ ମାଲ ପରିବହନ କରି ଦିନେ ଦୁଇ ଦିନ ମଧ୍ୟରେ ଟ୍ରିପ୍ କରୁଥିବା ବେଳେ କେନ୍ଦୁଝର, ବଡବିଲ, ଯୋଡା ଓ



ଆଞ୍ଚଳିକ ଟ୍ରକ୍ ମାଲିକ ମାନଙ୍କର ଟ୍ରକ ଗୁଡିକ ଉକ୍ତ ମାଲ ପରିବହନ କରିବାକୁ ୮ରୁ ୧୦ ଦିନ ଲାଗିଯାଉଛି। ବାହାର ଜିଲ୍ଲାର ଟ୍ରକ୍‌ଗୁଡିକ ଓଭରଟେକ ମାଧ୍ୟମରେ ଅଧିକ ଟ୍ରିପ କରୁଥିବା ବେଳେ କେନ୍ଦୁଝର ଜିଲ୍ଲାର ଟ୍ରକ ଗୁଡିକ ଲାଇନ୍‌ରେ ଠିଆ ହେବା ସହିତ ଅନଲୋଡିଂ ପାଇଁ ଦୀର୍ଘ ଦିନ ଲାଗିଯିବା ଏବଂ ନାନା ସମସ୍ୟା ଦେଖାଯାଉଛି। ଫଳରେ ଏହାର ସୁକ୍ଷମ ପରିଚାଳନା ପାଇଁ ଟ୍ରକ୍ ମାଲିକ ସଂଘ ପ୍ରଶାସନକୁ ନିବେଦନ କରିବା ସହ ପ୍ରଶାସନିକ ହସ୍ତକ୍ଷେପ ଲୋଡିଛନ୍ତି ବୋଲି ଯୋଡା ଟ୍ରକ୍ ମାଲିକ ସଂଘ ସଂପାଦକ ସୁଶାନ୍ତ ବାରିକ ସୂଚନା ଦେଇଛନ୍ତି। ୨ ଘଣ୍ଟା କାଳ ଏହି ସମସ୍ୟା ବିଷୟରେ ଶ୍ରୀ ମଲ୍ଲିକଙ୍କ ସହ କୋର କମିଟି ଆବାହକ ଦେବୁ ପଟ୍ଟନାୟକ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସଂପାଦକ ରାଜେନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ସାହୁ, ଗୋବିନ୍ଦ ଖିଲାର, ଏମ୍‌ଡି ନାୟବ, ପ୍ରଭାସ ଗୁପ୍ତା, ଯୋଡା ଟ୍ରକ୍ ମାଲିକ ସଂଘର ଡୋରା ମହାନ୍ତ, ସୁରେନ୍ଦ୍ର କୁମାର ସାହୁ, ଏମଡି ମୁସଲିମ, ତାପଜିର ଆଲାମ୍, ପ୍ରବିଣ ରାମ ଓ ସଞ୍ଜିବ କୁମାର ରାଜ ସମେତ ୨୦ରୁ ଊର୍ଦ୍ଧ୍ୱର୍ ସଦସ୍ୟ ଆଲୋଚନା କରିଥିଲେ। ଏ ନେଇ ଶ୍ରୀ ମଲ୍ଲିକ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

## ବାଥୁଡ଼ି ସମ୍ପ୍ରଦାୟର ସାଙ୍ଗଠନିକ ବୈଠକ



ତୁରୁମୁଙ୍ଗା, ୯।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବାଥୁଡି ସମ୍ପ୍ରଦାୟ ପକ୍ଷରୁ ହଳଦିବଟା ଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବାଥୁଡି ସାଂସ୍କୃତିକ ସମାଜ ଦ୍ୱାରା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛିଫ ସାହାରପଡା ଜୋନର ସଭାପତି ବ୍ରହ୍ମାନନ୍ଦ ନାଏକଙ୍କ ସଭାପତିତ୍ୱରେ ସାହାରପଡା ସମ୍ପାଦକ ରବୀନ୍ଦ୍ର ନାଏକ, ଘଟଗାଁ ଜୋନ ସଭାପତି ଦେବେନ୍ଦ୍ର ନାଏକ, ସାଧାରଣ ସଂପାଦକ ଗଣେଶ୍ୱର ନାଏକ, ପାଟଣା ଜୋନ ସଭାପତି ଶିରିଶ ନାଏକ, ସାଧାରଣ ସମ୍ପାଦକ ଅର୍ଜୁନ ନାଏକ, କରଞ୍ଜିଆ ଜୋନର ଉପସଭାପତି ପଞ୍ଚାନନ ନାଏକ, ସମ୍ପାଦକ ଅଖିଳ ନାଏକ, ବିଦ୍ୟାଧର ନାଏକ, ସମାଜ ସେବୀ ଅଖିଳ ଚନ୍ଦ୍ର ନାଏକ, ଗୌତମ ନାଏକ, ହରିହର ନାଏକ, ଚପଳ ଚାନ୍ଦ ରଣସିଂ ଏବଂ ଶତାଧିକ ସମ୍ପ୍ରଦାୟର ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ବଢୁଛି ଅସନ୍ତୋଷ

ଚମ୍ପୁଆ, ୯।୨(ସମିସ): ଟାଟା ପାୱାରର ଅଘୋଷିତ ବିଦ୍ୟୁତକାଟକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ମରାମତି ନାଁରେ ମାସରେ ୨ରୁ ଅଧିକ ଥର ସକାଳ ୮ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଯାଉଥିଲେ ହେଁ ଅନେକ ସମୟରେ ଅଘୋଷିତ ଭାବେ ବିଦ୍ୟୁତକାଟକୁ ନେଇ ଜନସାଧାରଣମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବାରମ୍ବାର ବିଦ୍ୟୁତକାଟ ଯୋଗୁଁ ଦୈନନ୍ଦିନ ଜୀବନ ଉପରେ ତଥା ବିଭିନ୍ନ କାର୍ଯ୍ୟ ଉପରେ ପ୍ରଭାବ ପଡୁଛି। ଏପରିକି ଚଳିତ ମାସ ୨୦ ତାରିଖରେ ମେଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ପାଇଁ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟୁତକାଟ ଯୋଗୁଁ ପାନୀୟଜଳ ଯୋଗାଣରେ ବ୍ୟାଘାତ ଘଟୁଥିବା ବେଳେ ଲୋ ଭୋଲଟେଜ୍ ପାଇଁ ବିଭିନ୍ନ ବୈଦ୍ୟୁତିକ ଉପକରଣ ମଧ୍ୟ ପୋଡି ନଷ୍ଟ ହେଇଯାଉଛି। ଫଳରେ ଉପଯୁକ୍ତ ସମୟରେ ପାନୀୟଜଳ ପାଇବାରୁ ଉପଭୋକ୍ତାମାନେ ବଞ୍ଚିତ ହେଉଛନ୍ତି। ଏହି ବିଦ୍ୟୁତକାଟ ପାଇଁ ବିଭିନ୍ନ କାର୍ଯ୍ୟାଳୟର କାର୍ଯ୍ୟ ମଧ୍ୟ ଠପ୍ ହୋଇଯାଉଛି। ସହର ଅପେକ୍ଷା ଗ୍ରାମାଞ୍ଚଳର ଅଧିବାସୀମାନଙ୍କ ଅବସ୍ଥା ମଧ୍ୟ ତଦ୍ରୂପ ସାଜିଛି। ଏପରିକି ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ବିଦ୍ୟୁତକାଟକୁ ନେଇ ଅସନ୍ତୋଷ ଦେଖାଯାଇଛି। ଏ ନେଇ ବିଦ୍ୟୁତ ବିଭାଗର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ ଗତ ୨ ଦିନ ତଳେ ହେଇଥିବା ଝଡ ବର୍ଷା ପାଇଁ ଯୋଡା ଗ୍ରୀଡରୁ ପଳାଶପଙ୍ଗାକୁ ଯାଇଥିବା ବିଦ୍ୟୁତ ସରବରାହ କ୍ଷୟ କ୍ଷତି ହୋଇଥିଲା। ତାର ମରାମତି କାର୍ଯ୍ୟ ଚାଲିଛି। ତେଣୁ ଏହି ସମସ୍ୟା ଦେଖାଯାଇଛି। ବର୍ତ୍ତମାନ ମୟୂରଭଞ୍ଜ କରଞ୍ଜିଆରୁ ବଳକା ବିଦ୍ୟୁତ ସଂଗ୍ରହ କରାଯାଇ ଫେଜ୍ ବାଇ ଫେଜ ବିଦ୍ୟୁତ ଯୋଗାଇ ଦିଆଯାଉଛି। ଖୁବଶୀଘ୍ର ଏହି କାମ ସରିବ ଏବଂ ପରୀକ୍ଷାକୁ ଆଖି ଆଗରେ ରଖି ବିଦ୍ୟୁତ ସରବରାହକୁ ସୁଗମ କରାଯିବ ବୋଲି କହିଛନ୍ତି।

● ସଚେତନତା ପାଲା କାର୍ଯ୍ୟକ୍ରମରେ ତଞ୍ଚକତା

## ପୌରାଞ୍ଚଳ କଳାକାରଙ୍କୁ ଉପେକ୍ଷା ଅଭିଯୋଗ

ଆନନ୍ଦପୁର, ୯।୨(ସମିସ): ପାଲା ମାଧ୍ୟମରେ ଆରମ୍ଭ ହୋଇଥିବା ସଚେତନତା କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରାଞ୍ଚଳ କଳାକାରମାନଙ୍କୁ ଉପେକ୍ଷା କରାଯିବା ଓ କାର୍ଯ୍ୟକ୍ରମ ବଣ୍ଟନରେ ତଞ୍ଚକତା କରାଯାଇଥିବା ଯୋଗୁ ପାଲାକାରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟରୁ ସୂଚନା ପାଇ ଆସିଥିବା କଳାକାରମାନଙ୍କୁ ସମାନ ଭାବରେ କାର୍ଯ୍ୟକ୍ରମ ବଣ୍ଟନ କରାଯିବା ପରିବର୍ତ୍ତେ ପାତରଅନ୍ତର ନୀତି ପୋଷଣ କରାଯାଉଥିବାରୁ ପାଲା କଳାକାରମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୌରାଞ୍ଚଳର ଆନନ୍ଦପୁର, ଫକୀରପୁର, ଶୈଳଙ୍ଗର କେତେକ ପାଲା ଗାୟକଙ୍କୁ ସୂଚନା ଦିଆଯାଇ ନ ଥିବା ଏବଂ ଏପରି ବ୍ୟତିକ୍ରମ ଯୋଗୁ ଆନନ୍ଦପୁର ଓ ଘସିପୁରା ବ୍ଲକର କଳାକାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗତ ଫେବୃଆରୀ ୧୮ ତାରିଖରେ ଆନନ୍ଦପୁର ବ୍ଲକରେ ହୋଇଥିବା ଅଡିସନ କାର୍ଯ୍ୟକ୍ରମରେ ପାଲା ଗାୟକ ଓ ପାଲାକାର ମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଗୋଟି ଦଳଙ୍କୁ ବିଭିନ୍ନ ପଞ୍ଚାୟତରେ ସଚେତନତା ପାଲା ପରିବେଷଣ କରିବାକୁ କାର୍ଯ୍ୟକ୍ରମ ବଣ୍ଟନ କରାଯାଇଥିଲା। ତେବେ ମନୋନୀତ ହୋଇଥିବା ପାଲା ଦଳ ମଧ୍ୟରୁ କେତେକ ଦଳଙ୍କୁ ନିକଟସ୍ଥ ପଞ୍ଚାୟତ ଓ ଅଧିକ କାର୍ଯ୍ୟକ୍ରମ ଦିଆଯାଇଥିବା ବେଳେ ମହିଳା ପାଲା ଦଳଙ୍କୁ ବଣପାହାଡ଼ ଘେରା ଦୂରଦୂରାନ୍ତ ଅଞ୍ଚଳରେ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଚୟନ କରାଯିବା ଘଟଣା ପାତରଅନ୍ତର ନୀତିକୁ ପ୍ରମାଣିତ କରିଛି। ତେବେ ୯ ଗୋଟି ପାଲା ଦଳଙ୍କୁ ଉପେକ୍ଷା କରାଯାଇ ମାତ୍ର ୫ ଗୋଟି ଦଳକୁ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ଦିଆଯିବା ପଛରେ କେଉଁ କର୍ମଚାରୀଙ୍କ ନିହିତ ସ୍ୱାର୍ଥ ଜଡିତ ଅଛି ତାହା ତଦନ୍ତ ସାପେକ୍ଷ। ଏଣୁ ସଚେତନତା ପାଲା ବଣ୍ଟନରେ ହୋଇଥିବା ତଞ୍ଚକତାର ତଦନ୍ତ ହେବା ଉଚିତ ବୋଲି ମତପ୍ରକାଶ ପାଇଛି।

ମୌଳିକ ସୁବିଧାରୁ ବଞ୍ଚିତ ମଲ୍ଲାର ପରିବାର

## ପେଟ ପୋଷିବାକୁ ଜଙ୍ଗଲ ଭରସା

ତେଲକୋଇ, ୯।୨(ସମିସ): ପେଟକୁ ଦାନା ନାହିଁ। ମୁଣ୍ଡ ଗୁଞ୍ଜିବାକୁ ଛପର ନାହିଁ। ପରିବାରରେ ୧୧ଜଣ ସଦସ୍ୟ ରହିଥିବା ବେଳେ ବୟସର ଅପରାହ୍ନ ୨ଜଣ ରହିଛନ୍ତି। ଗ୍ରାମ ମୁଣ୍ଡା ସାହିରେ। ଏହି ସାହିରେ ପଲିଥିନ ତଳେ ଜୀବନ ବିତାଉଛନ୍ତି କୈଳାସଙ୍କ ପରିବାର। ଯାହାକି କୈଳାସ ନାଏକ (୮୦) ଓ ତାଙ୍କ ପତ୍ନୀ ଚେମିଣି ସେହିପରି ରାସନ କାର୍ଡ ମଧ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାସାସନିକ ସ୍ତରରେ ଅବହେଳା ଯୋଗୁଁ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଉକ୍ତ ପରିବାର। ସେହିପରି





ସେମାନଙ୍କୁ ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ନା ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ଜଙ୍ଗଲରେ ବୁଲି ବୁଲି ବିଭିନ୍ନ ପ୍ରକାର ଆଳୁ, କନ୍ଦା ପ୍ରଭୃତି ଖାଇ ଜୀବନ ଅତିବାହିତ କରୁଛନ୍ତି ଏହି ପରିବାର। ଏଭଳି ଚିତ୍ର ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତ ଶିମିଳିପାଳ ନାଏକ (୭୦)। କୈଳାସଙ୍କ ଦୁଇ ପୁଅ ଥିଲେ ମଧ୍ୟ ଗୋଟେ ପୁଅ ଯକ୍ଷ୍ମା ରୋଗରେ ୩ମାସ ହେବ ଆରପାରିରେ। ବୋହୁ ନାତି ନାତୁଣୀଙ୍କୁ ନେଇ ୧୧ଜଣ ରହିଛନ୍ତି। ଆବାସ ଯୋଜନା ଏହି ପରିବାର ପାଇଁ ସାତ ସପନ ହୋଇଥିବା ବେଳେ ବୃଦ୍ଧ କୈଳାସ ଓ ତାଙ୍କ ପତ୍ନୀଙ୍କୁ ଭତ୍ତା ମିଳି ପାରୁ ନାହିଁ। ମଲ୍ଲାର ସମ୍ପ୍ରଦାୟର ହୋଇଥିବାରୁ ପେଟକୁ ଦାନା ପାଇଁ ଜଙ୍ଗଲରୁ ପାଣି ଆଳୁ, ବାଇଙ୍ଗା ଆଳୁ ତଥା ଗଛର କନ୍ଦାକୁ ଖାଇ ଜୀବନ ବଞ୍ଚାଉଥିବା କୈଳାସ ଦୁଃଖର ସହ ପ୍ରକାଶ କରିଛନ୍ତି। ଉକ୍ତ ପରିବାରକୁ ସରକାରୀ ମୌଳିକ ସୁବିଧା ଗୁଡ଼ିକ ତୁରନ୍ତ ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ଟ୍ରକ୍ ଧକ୍କାରେ ୨ମୃତ

ଯୋଡା, ୯।୨(ସମିସ): ଶୁକ୍ରବାର ବାମେବାରୀ-ପଳାଶପଙ୍ଗା ରାସ୍ତାର ବଳଦା-କାଳିମାଟି ରାସ୍ତାରେ ଏକ ଅଜଣା ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ। ସେହିପରି ମିତ୍ତଲ କମ୍ପାନୀକୁ ସାଗାସାହିରୁ ଲୁହାପଥର ବୋଝେଇ ହୋଇ ଆସୁଥିବା ଏକ ହାଇୱା କମ୍ପାନୀ ନିକଟରେ ଖାଲି କରି ଫେରୁଥିବା ସମୟରେ ବଡକାଳିମାଟିର କୁନୁ ଗାଗରାଇ ନାମକ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ଡିସେମ୍ବର ମାସରେ ମିତ୍ତଲ କମ୍ପାନୀ ନିକଟରେ ଥିବା କଟୁପାଲି ଗ୍ରାମର ବିଭୀଷଣ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କର ବାଇକ୍ ଯୋଗେ ହାତିମରା ଦେଇ କାଳିମାଟି ପଟେ ଯାଉଥିବା ବେଳେ ଏକ ଅଜଣା ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାରମ୍ବାର ଟ୍ରକ୍ ଚାଳକମାନଙ୍କର ବେପରୁଆ ଚାଳନା ଯୋଗୁଁ ଏହିପରି ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ଆଞ୍ଚଳିକ ପରିବହନ ଅଧିକାରୀଙ୍କ କୌଣସି ଅଙ୍କୁଶ ନଥିବା ବେଳେ ଏହା ସେମାନଙ୍କର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଦୁବୁନାସ୍ଥିତ ଏହି ଏସ୍‌ଆର କମ୍ପାନୀ କାରଖାନାକୁ ଦୈନିକ ଶହ ଶହ ପରିମାଣରେ ହାଇୱା ପରିବହନ ନିମନ୍ତେ ଆସୁଥିବା ବେଳେ ସେଗୁଡିକ ନିମନ୍ତେ କମ୍ପାନୀର କୌଣସି ଠାରେ ପାର୍କିଂ ବ୍ୟବସ୍ଥା ନାହିଁ। ଏହି ଗାଡ଼ି ଗୁଡିକୁ ତୁରନ୍ତ ଖଲାସ କରିବା ପାଇଁ କମ୍ପାନୀ ପକ୍ଷରୁ କୌଣସି ସୁବ୍ୟବସ୍ଥା ମଧ୍ୟ ନାହିଁ। ଏହା ସହିତ ବସନ୍ତପୁର ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଅଞ୍ଚଳବାସୀ ବାରମ୍ବାର ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ। ଫଳରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି।

## ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ



ବେଲବାହାଲ, ୯।୨(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲିରେ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେଲବାହାଲି ସରପଞ୍ଚ ଦୀପ୍ତି ସାହୁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କଳ୍ପନା ମୁଦୁଲି, ଜିଆରଏସ୍ ମାଧବାନନ୍ଦ ରାଉତ, ଏଇଇ ସ୍ୱାଗତ କୁମାର ଦାଶ ଏବଂ ବ୍ଲକ ଜେଇ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏହି ଅବସରରେ ପାଲା ଓ ନୃତ୍ୟସଙ୍ଗୀତ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତ ବିକାଶରେ ରାଜ୍ୟ ସରକାରଙ୍କ ସହଭାଗିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଜନସାଧାରଣ ମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ମିଶନଶକ୍ତି ମହିଳା ସମେତ ସାଧାରଣ ଜନତା ଉପସ୍ଥିତ ସରକାରଙ୍କ ଲୋକାଭିମୁଖି ଯୋଜନା ସମ୍ପର୍କରେ ଜାଣି ପାରିଥିଲେ।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଆନନ୍ଦପୁର, ୯।୨(ସମିସ): କମ୍ୟୁନିଷ୍ଟ ସଂଗଠନ ହାଟଡିହୀ ବ୍ଲକ ଶାଖା ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବିକ୍ଷୋଭ ଓ ଧାରଣା ସହିତ ଦାବିପତ୍ର ପ୍ରଦାନ କରାଯାଇଛି। ହଦଗଡ଼ ଡ୍ୟାମ ନିର୍ମାଣକୁ ନେଇ ବିସ୍ଥାପିତ ହୋଇ ୧୨ ଗୋଟି ଗ୍ରାମର ପରିବାରବର୍ଗଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ଦାବିରେ ଏହି ଧାରଣା ଆହ୍ୱାନ କରାଯାଇଥିଲା। ବହୁ ସଂଖ୍ୟାରେ ଆଦିବାସୀ ଅଧିବାସୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଦାବି ପୁରଣ ସମ୍ପର୍କରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା।

## ଦିନ ଦ୍ୱିପହରେ ୫୦ ହଜାର ଟଙ୍କା ଲୁଟ୍

ନାରଦପୁର, ୯।୨(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁର ଛକ ନିକଟରେ ଆଜି ଜଣେ ଯୁବତୀଙ୍କ ଠାରୁ ନଗଦ ୫୦ହଜାର ଟଙ୍କା ଛଡାଇ ଚମ୍ପଟ ମାରିଥିବା ନେଇ ରିମୁଳି ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଆଜି ଦିନ ପ୍ରାୟ ୧୨ ଟା ୨୫ ସମୟରେ ନାରଦପୁର ଛକରେ କାନପୁର ପ୍ରକଳ୍ପରେ କ୍ଷତିଗ୍ରସ୍ତ ହୋଇ ଘର କରି ରହୁଥିବା ସୁଶୀଲ ନାଏକଙ୍କ ଝିଅ ମାନିନୀ ନାଏକ ସେ ବ୍ୟାଙ୍କ ଅଫ୍ ଇଣ୍ଡିଆ କଣ୍ଡରା ଶାଖାରୁ ଟଙ୍କା ଉଠାଇ ଏକ ବସ୍ ଯୋଗେ ଆସି ଘର ସମ୍ମୁଖରେ ଓହ୍ଲାଇ ଯାଉଥିବା ବେଳେ ହଠାତ ପଲସର ବାଇକରେ ଦୁଇ ଦୁର୍ବୃତ୍ତ ଆସି ତାଙ୍କ ହାତରୁ ଟଙ୍କା ଥିବା ପଲିଥିନ ବ୍ୟାଗକୁ ଛଡାଇ ଦ୍ରୁତ ଗତିରେ ରିମୁଳି ଅଭିମୁଖେ ଚାଲିଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହିତ ଏକ ମୋବାଇଲ ଫୋନ ରହିଥିବା ସେ କହିଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ରିମୁଳି ଫାଣ୍ଡିରେ ଅଭିଯୋଗ ପରେ ଘଟଣାସ୍ଥଳରେ ଚମ୍ପୁଆ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଚିମିଳା ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଚମ୍ପୁଆ, ୯।୨(ସମିସ): ଚମ୍ପୁଆ ବ୍ଲକ କୋଦଗଡିଆ ପଞ୍ଚାୟତର ଚିମିଳା ନୋଡାଲ ୟୁପି ସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥବବା ବେଳେ ପ୍ରଧାନ ଶିକ୍ଷକ ଅନିଲ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ପୁରସ୍କୃତ କରାଯାଇଛି। ଏହି ସ୍କୁଲ ବୃକ୍ଷ ରୋପଣ, ଇକୋ କ୍ଲବ ଆଦି କ୍ଷେତ୍ରରେ ପାରଙ୍ଗମତା ପ୍ରଦର୍ଶନ କରିଥିବା ବେଳେ ଛାତ୍ରଛାତ୍ରୀଙ୍କର ଶୃଙ୍ଖଳା ଓ ମେଧା ଏହି ସଫଳତାର ଚାବିକାଠି ପାଲଟିଛି। ଏହି ସଫଳତା ନେଇ ପଞ୍ଚାୟତବାସୀ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ଗଣ୍ଡ ସମାଜର ଗୌରୀ ଓଷା



ପାଟଣା, ୯।୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଗ୍ରାମରେ ଗଣ୍ଡ ଜନଜାତି ସମ୍ପ୍ରଦାୟର ଲୋକମାନେ ଗୌରୀ ଓଷା ଧୁମ୍‌ଧାମରେ ପାଳନ କରିଛନ୍ତି। ଗ୍ରାମର ସମସ୍ତ ମା’ଭଉଣୀମାନଙ୍କୁ ନେଇ ଆଜି ପାଳିତ ହୋଇଛି। ଓଷାର ପୂର୍ବ ଦିନ ମା’ମାନେ ମାଟିବରଣ କାର୍ଯ୍ୟ କରିଥିଲେ। ଗଣ୍ଡ ଜାତିର ଛକୁଳା ବିଧିବିଧାନ ଅନୁଯାଇ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏଥିରେ ଦେହୁରୀ ସନାତନ ନାୟକ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ତୁଲାଇ ଥିଲେ। ୧୨ସହ ବଢେଇ ଜଙ୍ଗାଦେବ, ଲିଙ୍ଗ ଦେବ, ବୁଢାଦେବ ଓ ଗ୍ରାମ ଠାକୁରାଣୀଙ୍କ ସହିତ ଅନାନ୍ୟା ଦେବା ଦେବୀ, ମୃତ୍ତି କରିଥିଲେ। ଜାତିର ପରମ୍ପରାକୁ ବଜାଇ ରଖି ଗ୍ରାମ ବାସୀ ମହା ଆଡ଼ମ୍ବରରେ ପାଳନ କରିଥିଲେ।

## ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ସଚେତନତା ସଭା

ଆନନ୍ଦପୁର, ୯।୨(ସମିସ): କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ବନଖଣ୍ଡ ପକ୍ଷରୁ ଶାଳପଡାସ୍ଥିତ ବନ୍ୟପ୍ରାଣୀ ବନଖଣ୍ଡ ସଭାଗୃହଠାରେ ଜଙ୍ଗଲ ନିଆଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ନିଆଁ ସଚେତନତା ରଥକୁ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିବା ବେଳେ




ବନ୍ୟପ୍ରାଣୀ ବନଖଣ୍ଡ ସଭାଗୃହ ଠାରେ ଜଙ୍ଗଲ ନିଆଁ ସଚେତନତାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ସମ୍ମାନିତ ଅତିଥିଭାବେ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ଓ ଓଡ଼ିଶା ବନ ଉନ୍ନୟନ ନିଗମର ଉପଖଣ୍ଡ ବନ ଅଧିକାରୀ ଯୋଗ ଦେଇଥିଲେ। ସହକାରୀ ବନ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ଅଧିକାରୀ ଅଶୋକ କୁମାର ବିଶ୍ୱାଳ, ସୂର୍ଯ୍ୟକାନ୍ତ ବେହେରା, ବିବେକ ଦାସ, ଉମାକାନ୍ତ ଦାସଙ୍କ ସମେତ ହଦଗଡ଼ ରେଞ୍ଜ ଅଫିସର ମାର୍ଶାଲ କିସ୍କୁ, ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାଇକ, ବ୍ରାହ୍ମଣୀପାଳ ରେଞ୍ଜ ଅଫିସର ପ୍ରିୟ ଦର୍ଶନୀ ସାହୁ, ଉପଖଣ୍ଡ କେନ୍ଦୁପତ୍ର ନିଗମ ରୂପଚାନ୍ଦ ସୋରେନ୍, ବନସୁରକ୍ଷା କମିଟି ସଭ୍ୟ, ସଭ୍ୟା ସମେତ ସମସ୍ତ ରେଞ୍ଜ ଅଫିସରର ଫରେଷ୍ଟ ମାନେ ଯୋଗ ଦେଇଥିଲେ। ଫରେଷ୍ଟର ମଳୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ନିଯୁକ୍ତିକୁ ନେଇ କାଉନ୍‌ସିଲରଙ୍କ ଅସନ୍ତୋଷ

## କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

ଯୋଡ଼ା, ୯।୨(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ପୂର୍ବ ଯୋଡ଼ା ଲୌହ ଖଣିରେ ସ୍ଥାନୀୟ ନିଯୁକ୍ତିକୁ ନେଇ କାଉନ୍‌ସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ କାଉନସିଲରମାନଙ୍କ ପକ୍ଷରୁ କମ୍ପାନୀର ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପୂର୍ବାହ୍ନରେ ଏହି ଧାରଣା ଦିଆଯାଇଥିବା ବେଳେ ଏହା ଦିନତମାମ ଜାରି ରହିଥିଲା। ଏହି ଧାରଣା ସମୟରେ କମ୍ପାନୀଙ୍କ ଯୋଡା ମୁଖ୍ୟ ଘଟଣାସ୍ଥଳରେ ପହଞ୍ଚି କାଉନସିଲରମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଧାରଣାସ୍ଥଳକୁ ଯୋଡା ପୌରାଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ ମଧ୍ୟ ପହଞ୍ଚି କାଉନସିଲରମାନଙ୍କୁ ବୁଝାସୁଝା



କରିଥିଲେ। କାଉସନିଲରମାନେ ଏଥିରେ ସନ୍ତୁଷ୍ଟ ନହୋଇ ଆଗାମୀ ଦିନରେ ଏହି ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ନିକଟରେ କେତେକ ପ୍ରାର୍ଥୀଙ୍କୁ ଲିଖିତ ପରୀକ୍ଷାରେ ମନୋନୟନ କରାଯାଇଥିବା ବେଳେ ସେମାନଙ୍କୁ ଆଗାମୀ ୧୨ ତାରିଖ ଦିନ ମୌଖିକ ପରୀକ୍ଷା ପାଇଁ ଚିଠି ମାଧ୍ୟମରେ ଡକାଯାଇଛି। କାଉନସିଲରଙ୍କ ଅଭିଯୋଗ ମୁତାବକ ଏହି ତାଲିକାରେ ଯୋଡା ବାହାରର ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ସେମାନେ ସୁପାରିଶ କରିଥିବା ପ୍ରାର୍ଥୀମାନଙ୍କୁ ଏଥିରୁ ବାଦ ଦିଆଯାଇଛି। ଏ ନେଇ ଗୁରୁବାର କାଉନସିଲରମାନେ ଏହାର ପ୍ରତିବାଦରେ କମ୍ପାନୀର ଯୋଡା ମୁଖ୍ୟଙ୍କ ପ୍ରକୋଷ୍ଠରେ ଏକ ଆଲୋଚନା କରିଥିବା ବେଳେ କାଉନସିଲରମାନେ ଲିଖିତ ସାକ୍ଷାତକାରରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କର ତାଲିକା ଦେବା ପାଇଁ ଜିଦ ଧରିଥିଲେ। ଯାହାକୁ କମ୍ପାନୀ ପକ୍ଷରୁ ଅଗ୍ରାହ୍ୟ କରାଯାଇଥିଲା। ଏହି ଧାରଣାରେ କାଉନସିଲର ଭାନୁମତୀ ବାନା, ସୌଦାମିନୀ ନାଏକ, ରଶ୍ମିତା ପାଣିଗ୍ରାହୀ, ଅବୁଲ ହସନ, ସୁମିତ୍ରା କାରୁଆ, ଗଣେଶ ମୋଦୀ, ବିଶ୍ୱପ୍ରତାପ ବେହେରା, ବରୁଣ ଆପଟ ପ୍ରମୁଖ ଯୋଗଦେଇଥିଲେ। ତେବେ ଅନ୍ୟ ୬ଜଣ କାଉନ୍‌ସିଲର ଯୋଗଦେଇନଥିବା ଦେଖିବାକୁ ମିଳିଥିଲା।

# ବଡ଼ବିଲ ପୌରପାଳିକାକୁ ମିଳିଲା ଅତ୍ୟାଧୁନିକ ସଫେଇ ଗାଡ଼ି

## ଘଣ୍ଟାକୁ ସଫାକରିବ ୧୦ କି.ମି. ରାସ୍ତା

କେନ୍ଦୁଝର/ବଡ଼ବିଲ,୯।୨(ସମିସ)

ସରକାରଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥ ଖଣି ପ୍ରଭାବିତ ଅଞ୍ଚଳରେ ବିକାଶର ପ୍ରମୁଖ ମାଧ୍ୟମ ପାଲଟିଛି। ଜିଲ୍ଲାବାସୀଙ୍କ ପାଇଁ ଡିଏମ୍ଏଫ୍ ଅର୍ଥ ବରଦାନ ସ୍ୱରୂପ ହୋଇଛି। ଏହି ଅର୍ଥରେ ଜିଲ୍ଲାର ଅନେକ ଉନ୍ନୟନ କାର୍ଯ୍ୟ ହୋଇସାରିଛି। ଅନେକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ଏହି କ୍ରମରେ ଜିଲ୍ଲାର ବଡ଼ବିଲ ପୌରପାଳିକାକୁ ଅତ୍ୟାଧୁନିକ ସଫେଇ ଗାଡ଼ି ଯୋଗାଇ ଦିଆଯାଇଛି। ଯେଉଁ ଗାଡ଼ି ମିଳିବା ପରେ ବଡ଼ବିଲ ପୌରପାଳିକାର ସଫେଇ କାର୍ଯ୍ୟ ଅଧିକ କ୍ରିୟାଶୀଳ ହେବ। ଏହି ଅତ୍ୟାଧୁନିକ ସଫେଇ ଗାଡି ଘଣ୍ଟାକୁ ୭ରୁ ୧୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ସଫା କରିପାରିବ। ଆଧୁନିକ ଜ୍ଞାନକୌଶଳରେ ତିଆରି ଏହି ଅତ୍ୟାଧୁନିକ ସଫେଇ ଗାଡ଼ିରେ ଏକା ସଙ୍ଗରେ ରାସ୍ତାରୁ ଧୂଳି ଓ ଆବର୍ଜନା ଉଠାଯାଇପାରିବ। ଫଳରେ ଖଣି ସହର ବଡ଼ବିଲ ପୌରପାଳିକା ଅଞ୍ଚଳରେ ରାସ୍ତାଘାଟ ପୂର୍ବାପେକ୍ଷା ସ୍ୱଚ୍ଛ ରହିବ ବୋଲି କୁହାଯାଉଛି। ରୋଡ୍ ଭାକ୍ୟୁମ ସ୍ୱିପର ମେସିନ୍ ଭାବେ ଜଣା ଏହି ସଫେଇ ଗାଡ଼ି କେବଳ ବଡ଼ବିଲ ପୌରପାଳିକାକୁ ମିଳିଛି। ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ଏହି ଅତ୍ୟାଧୁନିକ ସଫେଇ ଗାଡି ଏବେକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଡିଜାଇନ ପ୍ରସ୍ତୁତ ହୋଇଛି। ଏହି ଗାଡିଟି ରୋଡ଼ରେ ଗଡିବା ମାତ୍ରେ ଏକା ସଙ୍ଗରେ ୩ ମିଟର ଓସାର ବିଶିଷ୍ଟ ଅଞ୍ଚଳକୁ ଘଣ୍ଟାକରେ ୭/୧୦ କିଲୋମିଟର ପର୍ଯ୍ୟନ୍ତ ସଫା କରିଚାଲିବ। ଏହା ଅତ୍ୟାଧୁନିକ ଜ୍ଞାନ କୌଶଳରେ ତିଆରି ହୋଇଥିବାରୁ ଏଥିରେ ଅଧିକ ଲୋକଙ୍କର ଆବଶ୍ୟକତା ମଧ ରହିବନାହ।



ଉକ୍ତ ସଫେଇ ଗାଡିଟି ୧୮ ଟନ୍ କ୍ଷମତା ବିଶିଷ୍ଟ ହୋଇଥିବାବେଳେ ଏଥିରେ ୬.୫କ୍ୟୁବିକ ମିଟର ବିଶିଷ୍ଟ ଷ୍ଟୋରେଜ ୟୁନିଟ୍ ରହିଛି। ଯେଉଁଥିରେ ୬.୫ଟନ୍ର ଅଳିଆ ଆବର୍ଜନା ଗଚ୍ଛିତ ହୋଇପାରିବ। ବିନା କୌଣସି ବାଧାରେ ଲମ୍ବା ସଡ଼କକୁ ସଫେଇ କରିବାରେ ଏହି ଗାଡି ସହାୟକ ହେବ। ଗାଡ଼ିଟି ଆବଶ୍ୟକତା ଅନୁସାରେ ଦିନ ଓ ରାତ୍ରୀ ସଫେଇ କାର୍ଯ୍ୟ କରିବାରେ କୌଣସି ସମସ୍ୟା ରହିବନାହିଁ। ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରଦତ୍ତ ଏହି ମେସିନ ଯୋଗାଇବାର ମୂଳ ଲକ୍ଷ୍ୟ ବଡ଼ବିଲ ପୌରପାଳିକାକୁ ସ୍ୱଚ୍ଛ ପରିବେଶ ପ୍ରଦାନ ବୋଲି କୁହାଯାଇଥିବା ବେଳେ ଖୁବଶୀଘ୍ର ଜିଲ୍ଲାର ଯୋଡ଼ା ପୌରପାଳିକକୁ ମଧ ଏଭଳି ଗୋଟିଏ ଗାଡି ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଥିବା ଡିଏମ୍ଏଫ୍ ସୂତ୍ରରୁ ସୂଚନା ମିଳିଛି।

## କଣ୍ଟିପାଳ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ



**ଆନନ୍ଦପୁର,୯।୨(ସମିସ):** ଆନନ୍ଦପୁର ବ୍ଲକ କଣ୍ଟିପାଳ ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ହେମନ୍ତ କୁମାର ବାରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଗ୍ରନ୍ଥାଗାରକ ବସନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀକାନ୍ତ ପାତ୍ର, ଶିବପ୍ରସାଦ ମିଶ୍ର, ମନୋଜ କୁମାର ବେହେରା ପରିଚାଳନା କରିଥିବା ବେଳେ କର୍ମଚାରୀ ନିରଜଂନ ବେହେରା ଓ ବିଦ୍ୟାଧର ସହଯୋଗ କରିଥିଲେ।

## ତେଲକୋଇରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ତେଲକୋଇ,୯।୨(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟ କୃଷି କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୋଳ ଗୋବିନ୍ଦ ବିଶ୍ୱାଳ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ବ୍ଲକ ସହ କୃଷି ଅଧିକାରୀ ଲକ୍ଷ୍ମୀ ଦେବୀ ଶର୍ମା, ୱାସନ ସ୍ୱେଚ୍ଛାସେବୀ ସଂଗଠନ ତଥା ମିଲେଟ ମିଶନର ଜିଲ୍ଲା ସଂଯୋଜକ ସଞ୍ଜୟ ସାହୁ, ସେବକ ଅନୁଷ୍ଠାନର ଅତିରିକ୍ତ ବ୍ଲକ ସଂଯୋଜକ ପ୍ରିୟଦର୍ଶୀ ସିଂ ସାମିଲ ହୋଇଥିଲେ। ତେବେ ଉଦଘାଟନ ଅବସରରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ସେବକ ଅନୁଷ୍ଠାନର ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ କରଯାଇଥିଲା। ମାଣ୍ଡିଆ ମଣ୍ଡିର ଉଦଘାଟନର ମୁଖ୍ୟ ଉଦ୍ଦେଶ୍ୟ ଚାଷୀ ମାନଙ୍କର ମାର୍କେଟିଂ ସୁବିଧା ସୁଯୋଗ ଏବଂ ଉଚିତ ମୂଲ୍ୟ ପ୍ରଦାନ ବ୍ୟାଙ୍କ ଖାତା ମାଧ୍ୟମରେ ଚାଷୀ ମାନଙ୍କର ମାଣ୍ଡିଆ ଚାଷ ଉପରେ ସାମ୍ପ୍ରତିକ ପରିସ୍ଥିତି ରେ ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦିଆଯିବ। ସେହିପରି ମାଣ୍ଡିଆ ଅଧିକରୁ ଅଧିକ ମାତ୍ରାରେ ଅମଳକ୍ଷମ ହେବା ସହ ଚାଷୀର ଆର୍ଥିକ ମାନଦଣ୍ଡ ସୁଦୃଢ଼ ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ଏଥିରେ ଶତାଧିକ ମାଣ୍ଡିଆ ଚାଷୀ ସାମିଲ ହୋଇଥିଲେ।

## ନବୋଦୟରେ 'ଫୁଟ୍‌ବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମ

**ସୋସୋ, ୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ହଦଗଡ଼ଠାରେ ଥିବା ପ୍ରଧାନମନ୍ତ୍ରୀ ଜବହାର ନବୋଦୟ ବିଦ୍ୟାଳୟରେ ଫୁଟବଲ ଫର୍ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫିଫା ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ସ୍ତରରେ ଫୁଟବଲ ଫର୍ ସ୍କୁଲ୍ ଆୟୋଜିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହଦଗଡ଼ ନବୋଦୟ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ଆଲୋକ ସେଠୀ ଯୋଗ ଦେଇଥିବା ବେଳେ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ପି.ମଣିକଣ୍ଠନ, ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ନବୋଦୟ ବିଦ୍ୟାଳୟର ଉପାଧ୍ୟକ୍ଷ ରାଜେନ୍ଦ୍ର ଧଳ, ଅଭିଭାବକ ସୁଧାଂଶୁ ଶେଖର ଦକ୍ଷିଣରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡିଆ ଶିକ୍ଷକ ବିଦ୍ୟାଧର ବେହେରା ମଞ୍ଚ ପରିଚାଳନା କରିଥିଲେ।

## କୈଳାସ ବେହେରା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି



ଆନନ୍ଦପୁର,୯।୨(ସମିସ): ଘସିପୁରା ଯୁବକ ସଂଘ ପକ୍ଷରୁ ଚତୁର୍ଥ କୈଳାସ ବେହେରା ସ୍ମାରକୀ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ବ୍ଲକ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଶିଷ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୨ ଓ ୩ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବାକୁ ନିଷ୍ପତି ହୋଇଥିବା ବେଳେ ପଡିଆର ସାଜସଜା, ଖେଳ ପରିଚାଳନା, ଅତିଥି ନିମନ୍ତ୍ରଣ ଓ ସଦସ୍ୟଙ୍କ ସହଯୋଗିତା ଉପରେ ଆଲୋଚନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀରୁ ସମୁଦାୟ ୧୬ ଗୋଟି ଦଳ ଭାଗ ନେବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ମା' ମଙ୍ଗଳା କ୍ଲବ ଓ ଘସିପୁରା ଯୁବକ ସଂଘର ସଦସ୍ୟ ଦାମୋଦର ସାହୁ, ସୁନିଲ ସ୍ୱାଇଁ, କାଶୀନାଥ ସାହୁ ତପନ ଦାଶ, ମାନସ ରଞ୍ଜନ ସାହୁ, ଦିଲୀପ ବେହେରା, ଦେବେନ୍ଦ୍ର ବେହେରା ମାନସ କୁମାର ସାହୁ, ରଞ୍ଜିତ ସାହୁ, ନିରଞ୍ଜନ ସାହୁ, ସୌମ୍ୟରଞ୍ଜନ ସାହୁ, ଜୟନ୍ତ ସାହୁ, ମନ୍ମଥ ସାହୁ, ଭବଭୁତି ସାହୁ, ଜିତେନ୍ଦ୍ର ସାହୁ, ରଞ୍ଜନ ସାହୁ, ଦୀପକ ସାହୁ, ପ୍ରହ୍ଲାଦ ସାହୁ, ବିକି ସାହୁ, ପ୍ରଳୟ କୁମାର, ବାବାଜି ଦାଶ, ସିପୁ ସାହୁ, ସରୋଜ କୁମାର ସାହୁ, ତାପସ ପଢିଆରୀ, ସନ୍ଦୀପ ଜେନା, ସଂଜୟ ସାହୁ, ଲୋକନାଥ ସେଠୀ, ଗାନ୍ଧୀ ମୁଖୀ, ସୁରେଶ ମୁଖୀ, ରୋହିତ ମୁଖୀ, ବିଶୁ ପାତ୍ର, ରଜତ ଖଟୁଆ, ସନ୍ତୋଷ ମୁଖୀ, ପରେଶ ପାତ୍ର, ବୁଲୁ ପାତ୍ର, କୃଷ୍ଣ ବାହାଦୁର, ପିଙ୍କୁ ପାତ୍ର, ରାଜେନ୍ଦ୍ର ପାତ୍ର, ବଳିଆ ପାତ୍ର, କାହ୍ନୁ ନାୟକ ସମେତ ୧୦୦ରୁ ଉଦ୍ଧ୍ୱର୍ ଯୁବକ ଉପସ୍ଥିତ ଥିଲେ।

## ମରୈଗାଁ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୋସୋ ୯।୨(ସମିସ):** ହାଟଡିହି ବ୍ଲକ ମରୈଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷୀକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଆର୍‌ସିସି ସୁରେଶ କୁମାର ଜେନା, ମୁଖ୍ୟବକ୍ତା ଏବିଇଓ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଓଷ୍ଟାର ରାଜ୍ୟ ସହସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ବିଦ୍ୟାଳୟକମିଟିର ପରିଚାଳନା ସଭାପତି ଶରତ କୁମାର ସେଠୀ, ସିଆର୍‌ସିସି ସୁମନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଅଭୟାନନ୍ଦ ବେହେରା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ଚନ୍ଦ୍ର ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ କ୍ରୀଡାର ଗୁରୁତ୍ୱ ଉପରେ ଆଲୋଚନ କରିବା ସହିତ ବାର୍ଷୀକ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଞ୍ଜିତା ବେଗମ୍, ସୁର୍ଣ୍ଣପ୍ରଭା ମଲ୍ଲିକ, ପିଣ୍ଟୁ କୁମାର ଦାସ, ତୁଳେଶ୍ୱରୀ ନାୟକ, ଦିଗମ୍ବର କୁଅଁର, ରଞ୍ଜନ କୁମାର ପଣ୍ଡା, ମେନକା ମଞ୍ଜରୀ ମଲ୍ଲିକ, ରୀତା ଦାସ, ଗୀତା ଦାସ, ନରେନ୍ଦ୍ର ପ୍ରସାଦ ଜେନା, ଘନଶ୍ୟାମ ସାହୁ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ସମାଜସେବୀ ସାରଙ୍ଗଧର ପୁହାଣଙ୍କ ପରଲୋକ



**ସୋସୋ, ୯।୨(ସମିସ):** ହାଟଡିହୀ ବ୍ଲକ ସଡ଼ା ପଞ୍ଚାୟତ ଚକୁଆଖଳା ଗଡ଼ିଆ ଗ୍ରାମର ସମାଜସେବୀ ତଥା ଜଳସେଚନ ବିଭାଗର କର୍ମଚାରୀ ସାରଙ୍ଗ ଧର ପୁହାଣ (୭୧)ଙ୍କର ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ପକ୍ଷଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗତକାଲି ରାତିରେ ଖାଇବାକୁ ଯିବା ସମୟରେ ଗୋଡ଼ ଘସିଯିବାରୁ ତଳେ ପଡିଯାଇଥିଲେ। ସେ ଗୁରୁତର ହୋଇପଡିବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ଆଜି ସକାଳୁ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

## ମାଟ୍ରିକ୍ ପରୀକ୍ଷା ଦେବେ ୨୪୪୬

ସୋସୋ, ୯।୨(ସମିସ): ରାଜ୍ୟରେ ଆସନ୍ତା ୨୦ ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ୧୪ଟି ପରୀକ୍ଷା କେନ୍ଦ୍ରରେ ୨୪୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବାଙ୍ଗୋର ହାଇସ୍କୁଲ ପରୀକ୍ଷା କେନ୍ଦ୍ର ୧୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବାଲିବରେଇ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୧୫, ସୋସୋ ବାଲୁକେଶ୍ୱର ହାଇସ୍କୁଲରେ ୧୨୨, ବରାହି ବଞ୍ଚେଟା ହାଇସ୍କୁଲରେ ୧୫୩, ଡେଙ୍ଗା ହାଇସ୍କୁଲରେ ୨୨୧, ହାଟଡିହି ହାଇସ୍କୁଲ ୨୮୭, ଜପିଦାସ ହାଇସ୍କୁଲ ରମ୍ପାସ ୧୩୧, କପିଳେଶ୍ୱର ହାଇସ୍କୁଲ କଳିଙ୍ଗା ୧୯୨, ମୁକୁନ୍ଦ ଚରଣ ନନ୍ଦିପଦା ହାଟ ହାଇସ୍କୁଲରେ ୨୦୯, ମୁଗୁପୁର ହାଇସ୍କୁଲ ୧୩୫, ମରୈଗାଁ ହାଇସ୍କୁଲ ୧୦୭, ଆରବି ହାଇସ୍କୁଲ ସଡ଼ଙ୍ଗ ୨୦୯, ଟିଏମ୍ ଏକାଡେମୀ ଡଅଁର ୨୩୬, ବାଙ୍ଗୋର ବାଳୀକା ହାଇସ୍କୁଲ ୧୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ରହିଛି। ୨୦ ତାରିଖରେ ସାହିତ୍ୟ ଥିବା ବେଳେ ୨୩ ତାରିଖରେ ଇଂରାଜୀ, ୨୬ ତାରିଖରେ ଗଣିତ, ୨୮ ତାରିଖରେ ସଂସ୍କୃତ /ହିନ୍ଦୀ, ୨ରେ ବିଜ୍ଞାନ, ୪ରେ ଇତିହାସ, ଭୁଗୋଳ ପରୀକ୍ଷା ରହିଥିବା ଜଣାଯାଇଛି।

## କୁଶଳେଶ୍ୱରରେ ଆତ୍ମରକ୍ଷା ଶିବିର

**ଆନନ୍ଦପୁର,୯।୨(ସମିସ):** ଘସିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ୮ ଦିନ ଧରି ଅନୁଷ୍ଠିତ ଏହି ମହିଳା ଆତ୍ମରକ୍ଷା ତାଲିମ ଶିବିରରେ ୧୮୦ ଜଣ ଛାତ୍ରୀ ସାମିଲ ହୋଇଥିଲେ। ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଶିବିରର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏହି ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଭାବିଲତା ରାଉତ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

**ଆନନ୍ଦପୁର,୯।୨(ସମିସ):** ଆନନ୍ଦପୁର ବ୍ଲକର ଶାଳବଣୀ ଗ୍ରାମପଞ୍ଚାୟତ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମନାଭ ମିଶ୍ରଙ୍କ ତତ୍ତ୍ୱାବଧାନରେ ତପସ୍ୱିନୀ ସାହୁ ଓ ବିଳାସିନୀ ସାହୁ ପ୍ରଶିକ୍ଷିକା ଭାବେ ଯୋଗ ଦେଇ ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ତପସ୍ୱିନୀ ଆଚାର୍ଯ୍ୟ , ଅଧ୍ୟାପକ ନିରାକର ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର, ଗୋପବନ୍ଧୁ ଆପଟ ପରିଚାଳନା କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ୧୨୪ ଜଣ ଛାତ୍ରୀ ଶିବିରରେ ଯୋଗ ଦେଇଥିଲେ।

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ରାମଚନ୍ଦ୍ରପୁର, ୯ ।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ପୁରୁଣାବାନ୍ଧଗୋଡା ଏବଂ ଗଁପୁର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ପୁରୁଣାବାନ୍ଧଗୋଡା ସରପଞ୍ଚ ସୁନ୍ଧାରାଣୀ ଧୀର, ଗଁପୁର ସରପଞ୍ଚ ରୀନାରାଣୀ ଜେନାଙ୍କ ଉପସ୍ଥିତିରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସରଞ୍ଜନ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟକୁମାର ମଲ୍ଲିକ ସମେତ ମିଶନ ଶକ୍ତିର ସଂଯୋଜକ ସରୋଜ ମହାରଣା ପ୍ରମୁଖ ଉପସ୍ଥିତ ରହି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ପରେ ମଞ୍ଚରେ ପାଲା, ନୃତ୍ୟ ଓ ବଡ଼ ପରଦାରେ ବ୍ଲକ ତଥା ପଞ୍ଚାୟତର ବିକାଶ ଗାଥା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅତିଥିମାନଙ୍କ ଗହଣରେ ଦୁଇ ପଞ୍ଚାୟତର ବିକାଶ ଗାଥା ପୁସ୍ତକ ଉନ୍ମୋଚନ କରାଯାଇ ଜନସାଧାରଣମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁରୁଣାବାନ୍ଧଗୋଡାର ଯୁବ ସମାଜସେବୀ ସୁଜିତକୁମାର ଧୀର, ଅଜିତକୁମାର ଧୀର, ସନ୍ତୋଷ କୁମାର ଧୀର, ସୌମେନ୍ଦ୍ରକୁମାର ଧୀର, ପ୍ରଭାସ କୁମାର ଦାସ, ସୁଧାଂଶୁ ପଟ୍ଟନାୟକ, ପ୍ରଦିପ ନାୟକ, ଶିବଶଙ୍କର ଦାସ ଏବଂ ଗଁପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଶରତକୁମାର ଜେନା, ବିଜୟକୁମାର ଦାସ, ପ୍ରଫୁଲ୍ଲ ଜେନା, ତରଣୀସେନ ଯେନା, ଆଦିକନ୍ଦ ଜେନା ସମେତ ଅନେକ ଆଗଧାଡିର ନେତୃ ମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର

**ରାମଚନ୍ଦ୍ରପୁର,୯୨(ସମିସ):** ଘଷିପୁରା ବ୍ଲକ ବାଡୋ ପରମାନନ୍ଦପୁର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରେମଲତା ରାଉତ ଏହି ଶିବିର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଛାତ୍ରୀ ଆତ୍ମରକ୍ଷା ଉପରେ ଉପାଦେୟ ବାର୍ତ୍ତା ରଖିଥିଲେ। ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରର ଉପଦେଷ୍ଟା ଅଧ୍ୟାପିକା ଯଶୋଦା ଟପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ବାଳିକାମାନଙ୍କୁ ନିଜର ଆତ୍ମରକ୍ଷା ନେଇ ପ୍ରଶିକ୍ଷିକା ସୀମନ୍ତିନୀ ସାହୁଙ୍କ ଠାରୁ କୌଶଳ ଶିକ୍ଷା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବିଜେଡିର ସାଙ୍ଗଠନିକ ବୈଠକ

**ପାଟଣା/ତୁରୁମୁଙ୍ଗା, ୯।୨(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡା ପଞ୍ଚାୟତର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାଏକ, ଉତ୍ତର ଓଡ଼ିଶା ଯୁବ ବିଜେଡି ସମ୍ପାଦକ ଦୀପକ ମଣ୍ଡଳ, ସରପଞ୍ଚ ରୀନା ନାଏକ, ସମିତି ସଭ୍ୟା ସଞ୍ଜୁଲତା ମହାନ୍ତ, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତ, ପୂର୍ବତନ ସମିତି ସଭ୍ୟ ବିଭୂତି ଭୂଷଣ ନାଏକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜେଡି ନେତା ମିତ୍ରଭାନୁ ମହାନ୍ତ ସଂଯୋଜନା କରିଥିଲେ। ସେହିପରି କେନ୍ଦେଇପଶି ପଞ୍ଚାୟତରେ ସମିତିସଭ୍ୟ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଅଧୀନସ୍ଥ ୯ଟି ଗ୍ରାମରୁ କର୍ମୀମାନେ ଯୋଗଦେଇଥିଲେ।

## ସାଢ଼େ ୪ ହଜାର କିଗ୍ରା ମହୁଲ ପୋଚ ନଷ୍ଟ



**ପାଟଣା,୯।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଗୋରାଣ୍ଡିଯୋଡି ନିକଟସ୍ଥ ଦେଓ ନଦୀ କୂଳରେ ବେଆଇନ ମହୁଲି ଭାଟିରେ ପାଟଣା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏଠାରୁ ମହୁଲି ମଦ ପାଇଁ ପ୍ରସ୍ତୁତ ୪୫୦୦ କିଗ୍ରା ମହୁଲ ପୋଚ ଓ ୩ ଶହ ଲିଟର ମହୁଲି ମଦ ଜବତ କରାଯାଇଛି। ଦେଓ ନଦୀ କୂଳରେ ବେଆଇନ ମଦ ଭାଟି କରି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିବା ଖବର ପାଇ ପାଟଣା ଅବକାରୀ ବିଭାଗ ଅତର୍କିତ ଭାବେ ଚଢ଼ଉ କରିଥିଲା। ଅବକାରୀ ବିଭାଗର କର୍ମଚାରୀଙ୍କୁ ଦେଖି ମଦମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେଠାରୁ ମହୁଲ ପୋଚ, ମହୁଲି ମଦ, ଡ୍ରମ ଆଦି ମଦ ପ୍ରସ୍ତୁତି ସାମଗ୍ରୀକୁ ଜବତ କରାଯାଇଛି। ଏହି ଚଢ଼ଉରେ ପାଟଣା ଅବକାରୀ ଥାନା ଅଧିକାରୀ ପ୍ରିୟମ୍ବଦା ଓଝା, କନଷ୍ଟେବଳ ସୁନାରାମ ଟୁଡୁ, ସଞ୍ଜିତ ସ୍ୱାଇଁ, ରାଜୀବ ନାୟକ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସାଲନ୍ଦୀ ମହୋତ୍ସବ ଉଦ୍‌ଘାଟିତ

**ସୋସୋ ୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମରେ ସାଲନ୍ଦୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମହୋତ୍ସବରେ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ଝାନ୍ସିରାଣୀ ଦାସ ଯୋଗ ଦେଇଥିଲେ। ଅତିଥି ଭାବେ ଶିକ୍ଷାବିତ ନାରାୟଣ ଲେଙ୍କା, ଶିକ୍ଷାବିତ ଚତୁର୍ଭୁଜ ପହି, ସାଲନ୍ଦୀ କମିଟି ମୁଖ୍ୟ ଉପଦେଷ୍ଟା ଗଙ୍ଗାଧର ରାଉତ, ଶିକ୍ଷାବିତ ଶଙ୍ଖାଳି ଚରଣ ରାଉଳ,



କାର୍ଯ୍ୟକାରୀ ସଭାପତି ରତିକାନ୍ତ ରାଉତ ଯୋଗଦେଇଥିଲେ। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟା ମହୋତ୍ସବରେ ସମାଜସେବୀ ବିଶ୍ୱନାଥ ପ୍ରତାପ ଜେନା, ଆଗରପଡ଼ା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ସମାଜସେବୀ ସତ୍ୟାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଦୁଇ ଦିନ ଧରି ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଆଜି ତୃତୀୟ ମହୋତ୍ସବ ଉତ୍ସବ କାର୍ଯ୍ୟକ୍ରମ ରହିଛି। ମହୋତ୍ସବ କମିଟିର କୋଷାଧ୍ୟକ୍ଷ ଗୈରାଙ୍ଗ ଚରଣ ରାଉତ, ଯୁଗ୍ମ ସମ୍ପାଦକ ଚୈତନ୍ୟ ମହାପାତ୍ର, ଉପସଭାପତି ବୈଲୋଚନ ନାୟକ, ଗଣେଶ ଚନ୍ଦ୍ର ଜେନା, ଉତ୍ତମ ବେହେରା, ଶତ୍ରୁଘ୍ନ ରାଉଳ, ସୋମନାଥ ରାଉତ, ବସନ୍ତ ଧଳ, ପୁରୁଷୋତ୍ତମ ଧଳ ପ୍ରମୁଖ ମହୋତ୍ସବ କମିଟିର ସଦସ୍ୟ ସହଯୋଗ କରିଥିଲେ।

## ଶାଳବଣୀରେ 'ମୁଁ ବି ଅଭିଭାବକ' କାର୍ଯ୍ୟକ୍ରମ

ଆନନ୍ଦପୁର,୯।୨(ସମିସ)



ଆନନ୍ଦପୁର ବ୍ଲକ ଶାଳବଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୁଁ ବି ଅଭିଭାବକ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। 'ମୁଁ ବି ଅଭିଭାବକ' କାର୍ଯ୍ୟକ୍ରମର ସଂଯୋଜକ ସତ୍ୟ ସୂତାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅରୁନ୍ଧତୀ ଦେବୀ, ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ରାଜ୍ୟ ମହିଳା କମିଶନ ପୂର୍ବତନ ସଦସ୍ୟ ନମ୍ରତା ଚଢ଼ା, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଟ୍ଟନାୟକ, ସାହିତ୍ୟିକ ସରୋଜ କୁମାର ସାହୁ, ବରିଷ୍ଠ ଶିକ୍ଷକ ଶ୍ରୀଧର ମହାରଣା ଯୋଗ ଦେଇ ଉଦଘାଟନ କରିବା ସହିତ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶାଳବଣୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଯାବତୀ ମୁଣ୍ଡାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ପୂର୍ବକ ଶ୍ରୀ ସୂତାର ତାଙ୍କର ସମସ୍ତ ପାଠପଢା ଦାୟିତ୍ୱ ନେଇଛନ୍ତି। ଚଳଚିତ୍ର ନିର୍ମାତା ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ଏହି ସଭାରେ ପ୍ରଫେସର ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା କରିଥିଲେ। କମିଟି ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

# ସ୍କାଉଟ ଓ ଗାଇଡମାନେ ଭବିଷ୍ୟତରେ ରାଜ୍ୟ ପାଇଁ ଗୌରବ ଆଣିବେ

କପ୍ତିପଦା, ୯ ।୨(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ, କପ୍ତିପଦା ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଗଭୀର ଆତ୍ମବିଶ୍ୱାସ ଓ ପ୍ରବଳ ଇଚ୍ଛାଶକ୍ତି ବଳରେ ସ୍କାଉଟ୍ସ ଓ ଗାଇଡ୍ସମାନେ ଭବିଷ୍ୟତରେ ସୁନାଗରିକ ହୋଇ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ ଯୋଗଦେଇ କ୍ୟାମ୍ପୋରୀର ପରିପୃକ୍ତ ଜ୍ଞାନ ଦ୍ୱାରା ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲା ସମ୍ପାଦକ ଭାଗୀରଥି ମଲ୍ଲିକ କ୍ୟାମ୍ପୋରୀର ତିନିଦିନ କାର୍ଯ୍ୟକ୍ରମ ବିଷୟରେ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦାର ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ଓ ଉକ୍ତ କାର୍ଯ୍ୟାଳୟର ଜିଲ୍ଲା ଆଦିବାସୀ ଶିକ୍ଷା ଓ ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, କପ୍ତିପଦା ବ୍ଲକ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ରାଇରଙ୍ଗପୁର ବ୍ଲକ ଶିକ୍ଷାଧିକାରୀ ଭାଗୀରଥି ମହାନ୍ତ, ସ୍କାଉଟ୍ସ ସଂଗଠନ କମିଶନର ବିଜୟ କୁମାର ପାଣିଗ୍ରାହୀ, ଜିଲ୍ଲା ଗାଇଡ୍ ସଂଗଠନ କମିଶନର ସୁଲୋଚନା ମଙ୍ଗରାଜ, ପୂର୍ବତନ ଜିଲ୍ଲା ସ୍କାଉଟ୍ସ ସଂଗଠନ କମିଶନର ଓ ତାଲିମ କମିଶନର ଶରତ ଚନ୍ଦ୍ର ମହାନ୍ତ, ସନ୍ତୋଷ କୁମାର କାସ୍ତ, ଚିତ୍ତରଞ୍ଜନ ପଲତା, ବାସନ୍ତୀ ମହାନ୍ତ, ରମେଶ ଚନ୍ଦ୍ର ବିଶୋଇ, ଅହଲ୍ୟା ସାହୁ, ସ୍କାଉଟ୍ସ ମାଷ୍ଟର ଦୀପକ ରାମ, ପ୍ରଧାନଶିକ୍ଷକ ସିଙ୍ଗରାୟ ମୁର୍ମୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍ୱାଗତଭାଷଣ ଓ ମଞ୍ଚ ସଂଯୋଜନା ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଙ୍ଗରାୟ ମୁର୍ମୁ ଧନ୍ୟବାଦ ଦେଇଥିଲେ। କପ୍ତିପଦା ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ଓ କପ୍ତିପଦା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଏବିଓ, କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଜନସାଧାରଣ, ପୁଲିସ ସହଯୋଗ କରିଥିଲେ।




## ମହାଦେବ ଦେଉଳି-ଖୃଟିଂ ରାସ୍ତା ମରାମତି ଦାବି



ଖୃଟିଂ, ୯।୨(ସମିସ): ରାଇରଙ୍ଗପୁର ରାସ୍ତା ଓ କୋଠାବାଡି ଡିଭିଜନ ଅଧୀନରେ ଥିବା ମହାଦେବଦେଉଳିଠାରୁ ଖୃଟିଂ ଯାଏଁ ନିର୍ମିତ ରାସ୍ତା ବର୍ଷେ ନ ହେଉଣୁ ପୁଣି ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ କୋଡିଏରୁ ଅଧିକ ଯାତ୍ରୀବାହୀ ବସ ସମେତ ଶହ ଶହ ସଂଖ୍ୟାରେ ଚାରିଚକିଆ ଓ ଦୁଇଚକିଆ ଯାନ ଯାତାୟାତ କରିଥାନ୍ତି। ରାସ୍ତାର ଦୂରାବସ୍ଥା ନେଇ ଏ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଉଦ୍‌ଯାପିତ




ଶୁକୃଳି, ୯ ।୨(ସମିସ): ଶୁକୃଳି ବ୍ଲକ ଚତୁରାଙ୍ଗିଳି ପଞ୍ଚାୟତରେ ଆରମ୍ଭ ହୋଇଥିବା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତେରଣ୍ଟି ପଞ୍ଚାୟତରେ ଉଦ୍‌ଯାପିତ ହୋଇଯାଇଛି। ଶୁକୃଳି ବ୍ଲକ ୧୦ଟିଯାକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁ ପଞ୍ଚାୟତରେ ଲୋକଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା। ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଜନହିତକର ଯୋଜନା ଆରମ୍ଭ କରିଛନ୍ତି ସେ ସମ୍ପର୍କରେ ଲୋକେ ଅବଗତ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ ଲୋକେ ଉପକୃତ ହୋଇଥିବା ବକ୍ତବ୍ୟ ରଖିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଯୋଜନା କଣ ରହିଛି ସେ ନେଇ ଲୋକେ ଜାଣିବା ନିମନ୍ତେ ଉପସ୍ଥିତ ଥିଲେ। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ ଭଳି ଅନ୍ୟ ବିଭାଗର ପଦାଧିକାରୀଙ୍କ ଷ୍ଟଲ୍ ଲାଗିଥିଲା। ସବୁ ପଞ୍ଚାୟତରେ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବାଇକ୍ ଧକ୍କାରେ ଜଣେ ଗୁରୁତର, ଜଣେ ଆହତ

ଠାକୁରମୁଣ୍ଡା, ୯ ।୨(ସମିସ): ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଜୁଆଳିକଟା ଛକ ନିକଟରେ ଶୁକ୍ରବାର ଅପରାହ୍ଣରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭୀମକୁଣ୍ଡ ନିକଟ ବୋଙ୍ଗି ଗ୍ରାମରୁ ଏକ ବାଇକ୍‌ରେ ଇନ୍ଦ୍ରଜିତ ବଦ୍ରା ଓ ମନୋଜ ସାମାଡ ନିଜ ଗ୍ରାମ ସାଲେଇବେଡାକୁ ଫେରୁଥିବା ବେଳେ ଠାକୁରମୁଣ୍ଡା ପଟୁ ମୁଖ୍ୟ ରାସ୍ତାରେ କେନ୍ଦୁଜିଆଣି ଗ୍ରାମ ପାଡ଼ିଆର ସାହିର ନନ୍ଦଲାଲ ଗାଗରାଇ ଠାକୁରମୁଣ୍ଡାରୁ କାମ ସାରି ବାଇକରେ ଫେରୁଥିବାବେଳେ ଜୁଆଳିକଟା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ପଛରେ ବସିଥିବା ସାଲେଇବେଡା ଗ୍ରାମର ମନୋଜ ସମାଡ଼ (୧୮) ଙ୍କ ଡାହାଣ ଗୋଡ଼ର ଜଙ୍ଘ ଭାଙ୍ଗି ଯାଇଥିବାବେଳେ ପାଡ଼ିଆର ସାହିର ନନ୍ଦଲାଲ ଗାଗରାଇ (୨୫) ଆହତ ହୋଇଥିବାର ଜଣାପଡ଼ିଛି।

## ପୃଥକ ମାମଲାରେ ୨ ଚାଳକ କୋର୍ଟ ଚାଲାଣ

ବେତନଟୀ, ୯ ।୨(ସମିସ): ବେତନଟୀ ଥାନା ଇଲାକାରେ ୨୦୨୩ ଏବଂ ୨୦୨୪ରେ ଘଟିଯାଇଥିବା ଦୁଇଟି ପୃଥକ ସଡକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଏ ନେଇ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ହେଲେ ଆଜି ଦୁଇ ଗାଡିଚାଳକଙ୍କୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି ପୁଲିସି। ୨୦୨୪ ମସିହା ନଭେମ୍ବର ୮ ତାରିଖ ରାତିରେ ଅମଣିଦା ଗ୍ରାମର ଦୁର୍ଗା ବାସ୍କେଙ୍କ ପୁଅ ନଙ୍ଗା ବାସ୍କେଙ୍କୁ ଟ୍ରାକ୍ଟର ବାରମାଇଲଠାରେ ଧକ୍କା ଦେଇଥିଲା। ସେତେବେଳେ ବେତନଟୀ ପୁଲିସ ୪୦୩ ନମ୍ବରରେ ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରିଥିବା ବେଳେ ଟ୍ରାକ୍ଟର ଜବତ କରିଥିଲା। ଏହି ଘଟଣାରେ ଫେରାର ଟ୍ରାକ୍ଟର ଚାଳକ ବାରିପଦା ସଦରଥାନା ଅଧୀନ ଚନ୍ଦନପୁର ଗ୍ରାମର ଚିନ୍ମୟ ମହାନ୍ତର ପୁଅ ରଞ୍ଜନ ମହାନ୍ତ (୨୮) କୁ ଗିରଫ କରି ସ୍ୱାସ୍ଥ୍ୟପରୀକ୍ଷାପରେ କୋର୍ଟଚାଲାଣ କରାଯାଇଛି। ସେହିପରି ଜାନୁଆରୀ ୧୩ତାରିଖରେ ଦାନ୍ତିଆମୁହାଁ ୧୮ ନଂ ଜାତୀୟ ରାଜପଥ ଉପରେ ଏକ ପିକଅପଭ୍ୟାନ ଧକ୍କାରେ ବଡସାହି ଥାନା ଅଧୀନ ପଥରା ଝିଲଦାମ ସାହିର ବିଶ୍ୱରଞ୍ଜନ ନାଏକଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଏକ ମାମଲା ରୁଜୁକରି ଚାଳକ ବାଲେଶ୍ୱର ଜିଲ୍ଲା ସିଂଲାଥାନା ଅଧୀନ ମଧୁପୁରା ଗ୍ରାମର ରାମଚନ୍ଦ୍ର ସାମଲର ପୁଅ ଯୁଧିଷ୍ଠିର ସାମଲକୁ ଗିରଫକରି କୋର୍ଟଚାଲାଣ କରିଛି।

## ଜାତୀୟ ରାଜପଥରୁ ବାଇକ୍ ଲୁଟ୍

ବେତନଟୀ, ୯ ।୨(ସମିସ): ଗୁରୁବାର ସ୍ୱଚ୍ଛ ଦିବାଲୋକରେ କୁଣ୍ଡେଇ ଛକସ୍ଥିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଆଖିପିଛୁଳାକେ ବାଇକଧରି ଚମ୍ପଟ ମାରିଲେ ଲୁଟେରା। ସୂଚନା ମୁତାବକ କୁଣ୍ଡେଇ ଗ୍ରାମର ତରଭୁଜ ଚାଷୀ କାର୍ତ୍ତିକଚନ୍ଦ୍ର ମହାନ୍ତ ନିଜର ସାନଭାଇ ଦୁର୍ଯ୍ୟୋଧନ ମହାନ୍ତ ନାମରେ ପଞ୍ଜୀକୃତ ବାଇକଟି ନେଇ ତରଭୁଜ ଚାଷକୁ ପାଣି ମଡାଇବାକୁ ଯାଇଥିଲେ। ଗୁରୁବାର ସକାଳେ କାର୍ତ୍ତିକ କୁଣ୍ଡେଇଛକସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡିକୁ ରଖି ତରଭୁଜ ବାଡିକୁ ପାଣି ମଡାଇବାକୁ ଯାଇଥିଲେ। ସେ ଅଧଘଣ୍ଟା ପରେ ଫେରିବାପରେ ବାଇକ୍ ନ ଥିବା ଦେଖିଥିଲେ। ପରେ ସେ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଶୁଆ ଶାବକ ଉଦ୍ଧାର; ଜଣେ କୋର୍ଟ ଚାଲାଣ

ଠାକୁରମୁଣ୍ଡା, ୯ ।୨(ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ହାଟକୁ ବିକ୍ରି ହେବାକୁ ଯାଉଥିବା ୪ ଟି ଶୁଆ ଶାବକକୁ ବନକର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ବନବିଭାଗ ଗିରଫ ପରେ ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି। ଶୁଆ ଶାବକ ବିକ୍ରି ଘଟଣାରେ କୋର୍ଟ ଚାଲାଣ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ସାତକୋଶିଆ ଗ୍ରାମ ଲକ୍ଷ୍ମୀପୋଷି ସାହିର କର୍ଣ୍ଣ ନାୟକ। ଗୁରବାର ସାତକୋଶିଆ ଠାରେ ହେଉଥିବା ସାପ୍ତାହିକ ହାଟକୁ ୪ ଟି ଶୁଆ ଶାବକକୁ ଏକ ବ୍ୟାଗରେ ଭର୍ତ୍ତି କରି ବିକ୍ରି କରିବାକୁ କର୍ଣ୍ଣ ନାୟକ ହାଟକୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଗିରିଜାନନ୍ଦନ ଦଳେଇ, ଚିତ୍ରା ହୋ ଶୁଆ ଶାବକକୁ ଉଦ୍ଧାର କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିଥିଲେ। ଏହି ଶୁଆ ଶାବକ ଗୁଡିକୁ ସାତକୋଶିଆ ସଂରକ୍ଷିତ ଜଙ୍ଗଲରୁ ଅଣାଯାଇ ବିକ୍ରି ପାଇଁ ନେଉଥିବାର ବନବିଭାଗ ତଦନ୍ତ ପରେ ଜାଣିବାକୁ ପାଇଛି। ଏନେଇ ବନବିଭାଗ ମାମଲା ରୁଜୁ କରିଛି।

## ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ

ବେତନଟୀ, ୯ ।୨(ସମିସ): ଡ. ଅମୃତ କୁମାର ରାଉଳ ବେତନଟୀ ବ୍ଲକର ନୂତନ ବିଡିଓ ଭାବରେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଓଏଏସସ୍ତରରେ ଅଦଳବଦଳ କରାଯାଇଥିଲା। ପୂର୍ବରୁ ଏଠାରେ ଥିବା ବିଡିଓ ନିର୍ଲିପ୍ତା ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲାମୁଖ୍ୟ ଡାକ୍ତରଖାନାର ପ୍ରଶାସନିକ ଅଧିକାରିଣୀ ଏବଂ ନବରଙ୍ଗପୁର ଜିଲ୍ଲାର ଡେପୁଟି କଲେକ୍ଟର ଡ. ଅମୃତକୁମାର ରାଉଳଙ୍କର ବେତନଟୀ ବ୍ଲକ ବିଡିଓ ଭାବରେ ବଦଳି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ଡ. ଅମୃତ କୁମାର ରାଉଳ ପ୍ରଥମେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପରେ ଏବିଡିଓ ଗଗନ ବେହେରାଙ୍କ ନିକଟରୁ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ, କର୍ମଚାରୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ୪୦ରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ନେଇ କ୍ରିକେଟ ପ୍ରତିଯୋଗିତା

କରଞ୍ଜିଆ, ୯।୨(ସମିସ): କରଞ୍ଜିଆ ଷ୍ଟାଡିୟମରେ ଷ୍ଟାର କ୍ଲବ ଓ ମର୍ଣ୍ଣି ଷ୍ଟାର କ୍ଲବ ଆନୁକୂଲ୍ୟରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ସୋନି ଏକାଦଶ ବନାମ ମର୍ଣ୍ଣିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ପ୍ରଥମେ ମର୍ଣ୍ଣିଂ ଷ୍ଟାର ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୪ ରନ କରିଥିଲେ। ଜବାବରେ ସୋନି ଏକାଦଶ ୯ଓଭର ଖେଳି ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଟୁଟୁ ମେହେର ଓ କଲ୍ୟାଣ କୁମାର ନାୟକ ଖେଳ ପରିଚାଳନା କରିଥିଲେ।

## ସୂଚନା ଅଧିକାର ଆଇନ ସଂକ୍ରାନ୍ତ ତାଲିମ ଶିବିର



ବାରିପଦା, ୯ ।୨(ସମିସ): ପ୍ରଶାସନିକ ଢାଞ୍ଚାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ଦୃଢ କରିବା ନିମନ୍ତେ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଅଧୀନସ୍ଥ ସୂଚନା ଅଧିକାର ଆଇନ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ଗୁରୁବାର ପୂର୍ବାହ୍ଣରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୂଚନା ଅଧିକାର ଆଇନ (ଆରଟିଆଇ) ଅଧିନିୟମ, ୨୦୦୫ର ଧାରା ୪ (୧) (ଖ) ଅଧୀନରେ ଲିପିବଦ୍ଧ ସ୍ୱେଚ୍ଛାକୃତ ପ୍ରକାଶର ବାଧ୍ୟତାମୂଳକ ପ୍ରାବଧାନ ସଂଲଗ୍ନ ନିୟମାବଳୀ ବିଷୟରେ ତାଲିମ ଦିଆଯାଇଥିଲା। ଏହି ଶିବିରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଶିଷ ଠାକରେଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ଅତିରିକ୍ତ ଜନ ସୂଚନା ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ଶ୍ରୀହର୍ଷ ପରିଚ୍ଛା ଆଭାସୀ ମାଧ୍ୟମରେ ଶିବିର ପରିଚାଳନା କରିଥିଲେ। ତାଲିମ ଅଧିବେଶନରେ ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ଅଧିକାରୀଙ୍କ ପାଇଁ ସୂଚନା ଅଧିକାର ଆଇନ ଏବଂ ଏହାର ଭୂମିକା ଏବଂ ଦାୟିତ୍ୱ ପାଇଁ ଏହାର ପ୍ରଭାବକୁ ସ୍ପଷ୍ଟ କରିବା ନିମନ୍ତେ ଏକ ମୂଲ୍ୟବାନ ସୁଯୋଗ ଆଣିଥିଲା। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ରାଜ୍ୟ ମୁଖ୍ୟାଳୟରୁ ଆଭାସୀ ମାଧ୍ୟମରେ ପରିଚାଳିତ ଏହି ଶିବିର ମୟୂରଭଞ୍ଜ ସମେତ ନବରଙ୍ଗପୁର, ନୟାଗଡ଼, ମାଲକାନଗିରି, ନୂଆପଡ଼ା ଜିଲ୍ଲାରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ଶିବଶଙ୍କର ଦତ୍ତ, ରାମେଶ୍ୱର ବେଶରା ଓ ରବି ନାରାୟଣ ନାୟକ ପ୍ରମୁଖ ସହାୟତା କରିଥିଲେ।

## କରଞ୍ଜିଆରେ ସଶକ୍ତ ଓଡ଼ିଶା ସାଥୀ ଶିବିର



କରଞ୍ଜିଆ, ୯।୨(ସମିସ): କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ତରଫରୁ ଆଜି କରଡ଼ିଆ ରୋଡ଼ ସ୍ଥିତ ସାଇ ସାଗର କନକ୍ଲେଭଠାରେ ସଶକ୍ତ ଓଡ଼ିଶା ସାଥି ଓ ଜନଜାତି ସଂସ୍କୃତି ପ୍ରଗତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏଆଇଟିଡିଏ ଦେବଯାନୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନା ରାଣୀ ନାୟକ ଓ ଦିବାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଜନଜାତିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେ ଜନଜାତିଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ୨୫ଜଣ ଆଦିବାସୀ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ୫୦ଟି ଆଦିବାସୀ ଗୋଷ୍ଠୀକୁ ବାଦ୍ୟ ଉପକରଣ ମଧ୍ୟ ବଣ୍ଟନ କରାଯାଇ ସେମାନଙ୍କ କଳାକୁ ଉତ୍ସାହିତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଅସିତ ମହାକୁଡ଼ ଓ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ



ଶୁଳିଆପଦା, ୯।୨(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଚକଶୁଳିଆପଦା ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା କୋଷ୍ଠା ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୀବ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶୋଭାକର ଆଚାର୍ଯ୍ୟ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ଜଗନ୍ନାଥ ସଂସ୍କୃତିର ଉତ୍ଥାନ ଓ ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଶିକ୍ଷୟିତ୍ରୀ ବବିତା ସିଂ ମଞ୍ଚ ପରିଚାଳନା ଓ ଅଧ୍ୟାପକ ହରମୋହନ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଶେଷରେ ସ୍ନାତକୋତ୍ତର ଶିକ୍ଷକ ଶୁଭ୍ରାଂଶୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସମିତି ସଭ୍ୟଙ୍କ ମାତୃ ବିୟୋଗ



ଯଶିପୁର, ୯।୨(ସମିସ): ବୁଧବାର ରାତିରେ ଯଶିପୁରର ସମିତି ସଭ୍ୟ ସଞ୍ଜିତ ମହାନ୍ତଙ୍କ ମାତା ପଦ୍ମାବତୀ ମହାନ୍ତ (୭୮)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପାଇ ନିର୍ବାଚିତ ପ୍ରତିନିଧି, ପୂର୍ବତନ ବିଧାୟକ ଶମ୍ଭୁ ନାଥ ନାଏକ, ସାଥୀ ମନୋଜ ମହାନ୍ତ, ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ଦାସ, ରମାକାନ୍ତ ମହାନ୍ତ, ଶମ୍ଭୁନାଥ ମହାକୁଡ, ଫିରୋଜ ଖାନ୍, ରିପୁ ଖାନ, ଦୀପକ ମହାନ୍ତ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଅଜିତ, ସାନ ପୁଅ କୁନା ଓ ଦୁଇ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

# ନେତାଜୀ ଯୁଥ୍‌କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଝରାଡିହି, ୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଗିଦିଘାଟୀ ପଞ୍ଚାୟତ ପାତ୍ରାମହୁଲପାଣି ଗ୍ରାମରେ ନେତାଜୀ ଯୁଥକ୍ଲବ ପକ୍ଷରୁ ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇ ଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବାଳକ, ବାଳିକା, ମହିଳା, ପୁରୁଷ ଏବଂ ବୟଜ୍ୟୋଷ୍ଠ ବ୍ୟକ୍ତିଙ୍କ ଆକର୍ଷଣୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୨ ଶହ ମିଟର, ୪ ଶହ ମିଟର, ୮ ଶହ ମିଟର, ୧୬ ଶହ ଦୌଡ଼, ସାଧାରଣ ଜ୍ଞାନ ପରୀକ୍ଷା, ଲମ୍ବ ଡିଆଁ, ସ୍ଲୋ ବାଇକ ରେସିଂ, ବଲ ପାସିଂ, ଡ୍ରିଲ୍ ମାଷ୍ଟର, ଅଙ୍କ କଷା, ବଲ ଠକରା, ବୟଜ୍ୟୋଷ୍ଠ ବ୍ୟକ୍ତି (ଅଜା) ମାନଙ୍କ ୨ ଶହ ମିଟର ଦୌଡ, ମହିଳା ମାନଙ୍କ ପାଣି କଳସ ଦୌଡ଼, ଝୋଟି ଚିତ୍ରାଙ୍କନ, ଶଙ୍ଖଫୁଙ୍କା ଓ ମହମବତୀ ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ପଲ୍ଲୀନୃତ୍ୟ ଓ ଲାଗଣେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଖେଲାରାମ ମାହାଲି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାବା ତିଲକା ମାଝୀ, ପାଠାଗାର ସଭାପତି ରାମଚନ୍ଦ୍ର ହେମ୍ବ୍ରମ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ରାମଦାସ ମୁର୍ମୁ ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ଡୁମନୀ ମାହାଲି, ଯୋଶଦା ବେହେରା ଏବଂ ସାମ୍ବାଦକି ବସନ୍ତ ସାଣ୍ଡିଲ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଆଦିବାସୀ ପଲ୍ଲୀ ନୃତ୍ୟରେ କୁଲଗୀ ଦଳ ପ୍ରଥମ, ପିଠାକୁଟଣୀ ଦଳ ଦ୍ୱିତୀୟ ଓ ମାହାଦେବଡିହି ତୃତୀୟ ସ୍ଥାନରେ ରହି କ୍ରମାଗତ ଭାବେ ୫ ହଜାର, ୪ ହଜାର ଓ ୩ ହଜାର ଟଙ୍କାର ପୁରସ୍କାର ରାଶିରେ ପୁରସ୍କୃତ ହୋଇଥିଲେ। ସେହିପରି ଲାଗଣେ ଏନେଜ୍ ନୃତ୍ୟରେ ସୁନା ଫୁଲି ଓ ଝଲ୍ ଶାଢୀ ପୁରସ୍କାରରେ ପ୍ରଦାନ କରାଯାଇଥିଲା। ତାରଣା ଏଫଏମ୍ ଏକାଡେମୀ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହାଦିରାମ ହେମ୍ବ୍ରମ’ଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପ୍ରଭାକର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ନେତାଜୀ ଯୁବକ ସଂଘ କ୍ଲବ ସଭାପତି ଅମୂଲ୍ୟ ମାଝୀ ଓ ସମ୍ପାଦକ କାର୍ତ୍ତିକ ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



